ମୁକ୍ତିପଥର ଡକାର

ବୋଇଲେ ଏ କଷ୍ଟ ମିଠ ନ ଦିଅ ଆମ୍ଭଙ୍କୁ,
ଦେବାକୁ ତ କହୁ ନାହିଁ ମିଠାଣୀ ତୁମ୍ଭଙ୍କୁ ?

ଶ୍ରୀ ଶଶିଭୂଷଣ ମିଶ୍ର

ମୁକ୍ତି ପଥର ଭିକାରି

ଶ୍ରୀ ଶଶିଭୂଷଣ ମିଶ୍ର

ଲେଖକ ଓ ପ୍ରକାଶକ—

ଶ୍ରୀ ଶଶିଭୂଷଣ ମିଶ୍ର

କମଗାଁ, ଭେଡ଼ନ

ସମ୍ବଲପୁର

ପ୍ରଥମ ମୁଦ୍ରଣ— ୧୫୦୦–୧୯୭୭

ମୁଦ୍ରାକର—

ଶ୍ରୀ ଅକ୍ଷୟ କୁମାର ଦାଶ

ବିଶ୍ୱଭାରତୀ ପ୍ରେସ

ମୋଦିପଡ଼ା, ସମ୍ବଲପୁର

ମୂଲ୍ୟ—ଏକ ଟଙ୍କା

ଉପହାର

ଶ୍ରୀଯୁକ୍ତ.........______ ______.........ଙ୍କ

କରକମଳରେ______........ନିଦର୍ଶନ

ସ୍ୱରୂପ ସାଦରେ ଅର୍ପିତ ହେଲା ।

ଲେଖକ

ଓଡ଼ିଶା ସରକାରଙ୍କ ସାଂସ୍କୃତିକ ବିଭାଗ ଏହି ପୁସ୍ତକର ମୁଦ୍ରଣ ଖର୍ଚ୍ଚ ବାବଦକୁ ଟ ୫୦୦ ସାହାଯ୍ୟ ପ୍ରଦାନ କରିଥିବାରୁ ଲେଖକ ପ୍ରୋକ୍ତ ବିଭାଗଙ୍କ ନିକଟରେ କୃତଜ୍ଞ ।

ଲେଖକ

— ଆତ୍ମକଥା —

ଅଳ୍ପ ଶିକ୍ଷା ପ୍ରାପ୍ତ ହୋଇ, ଅତ୍ତ୍ରର ସାଧନା କରି ଓ ଅନନୁକୂଳ କାର୍ଯ୍ୟ କ୍ଷେତ୍ରରେ ରହି ମୁଁ ସର୍ବ ପ୍ରଥମରେ ସନ ୧୯୬୦ ଖ୍ରୀ:ରେ ବିଭିନ୍ନ ରାଗ ସମ୍ମିଳିତ "ନଳିନୀ ବିଜୟ" ନାମକ କବିତା ରଚନା କରି ପ୍ରକାଶ କଲି । ଆଶା ଓ ଆଶ୍ୱାସନାର ବିଷୟ ଏହି ଯେ ମୋର ଏହି ଆକସ୍ମିକ ଭାବରେ ପ୍ରତିଭାଲବ୍ଧ ପ୍ରସୂତ ରଚନା ଅନେକ ବୃଦ୍ଧ ସାହିତ୍ୟାମୋଦୀମାନଙ୍କଠାରେ ଯଥାର୍ଥ ଆଦୃତ ହେବାରୁ ମୁଁ ସେହିପରି ଆଉ ଏକ କ୍ଷୁଦ୍ର କବିତା "ଦମୟନ୍ତୀ" ଅପେକ୍ଷାକୃତ ବିଶୁଦ୍ଧ ଭାଷାରେ ଓ ବୃହଦାକାରରେ ରଚନା କରିବାକୁ ମନ ବଳାଇଲି । ଏହି ରଚନାର ଆରମ୍ଭ କାଳରେ ମୋତେ କର୍ମ ନିବନ୍ଧନ ବଶତଃ ସ୍ୱର୍ଗୀୟ କବି ମିହିର ଗଙ୍ଗାଧର ମେହେରଙ୍କର ଜନ୍ମଭୂମି ବରପାଲିରେ ଅବସ୍ଥାନ କରିବାର ସୌଭାଗ୍ୟ ଘଟିଲା । ସେଠାରେ କବି ମେହେରଙ୍କ ପଟ୍ଟଶିଷ୍ୟ ସୁଲେଖକ ପଣ୍ଡିତ ଶ୍ରୀ ରାଘବ ମିଶ୍ରଙ୍କ ସାନ୍ନିଧ୍ୟ ଓ ଆନୁଗତ୍ୟ ଲାଭ କରିବାର ସୁଯୋଗ ମିଳିଲା । ପଣ୍ଡିତ ମହାଶୟଙ୍କ ସାମୟିକ ଉତ୍ସାହ, ଉପଦେଶ, ଶିକ୍ଷା ମୋର କ୍ଷୀଣ ପ୍ରତିଭା ପ୍ରଦୀପରେ ଘୃତ ସଂଯୋଗ ତୁଲ୍ୟ କାର୍ଯ୍ୟକାରୀ ହେଲା । କବି ବା ଲେଖକ ହେବାର ମୋର ବାସନା ନାହିଁ, କିନ୍ତୁ ସାହିତ୍ୟ ସେବାରେ ଆତ୍ମହରା ହୋଇ ମୁଁ ବିଶେଷ ଆନନ୍ଦ ଅନୁଭବ କରିଥାଏଁ ।

"ଦମୟନ୍ତୀ" ପ୍ରକାଶିତ ହେବା ପରେ ପରେ ମୁଁ ସାବିତ୍ରୀ ଚରିତ ଓ ଜଗନ୍ନାଥ ଦର୍ଶନ ନାମକ ଦୁଇଟି କ୍ଷୁଦ୍ର ପୁସ୍ତିକା ରଚନା ଓ ପ୍ରକାଶ କରି ଆଜି ମୋର ବିଭିନ୍ନ ଛନ୍ଦଯୁକ୍ତ "ମୁକ୍ତ ପଥର ଭିକାରି" କବିତାଟି ପ୍ରକାଶ କଲି । ପ୍ରିୟ ପାଠକ ପାଠିକାମାନଙ୍କ ନିକଟରେ ଆଦୃତ ହେଲେ ମୋର ଶ୍ରମ ସାର୍ଥକ ହେବ । ଇତି ।

—ଲେଖକ

ଅଭିମତ

(୧)

ବନ୍ଧୁବର ଶ୍ରୀଯୁକ୍ତ ଶଶିଭୂଷଣ ମିଶ୍ରଙ୍କ ପ୍ରଣୀତ "ମୁକ୍ତ ପଥର ଭିକାରି" କବିତାଟି ପାଠ କରି ମୁଁ ଅତ୍ୟନ୍ତ ପ୍ରୀତି ଲଭ କରିଅଛି । ଏହାର ଭାଷା ଓ ଭାବ ଅତି ସୁନ୍ଦର, ଯେପରି କି ପରସ୍ପର ପ୍ରତି-ଯୋଗିତା କରୁଅଛନ୍ତି । ପ୍ରାକୃତିକ ବର୍ଣ୍ଣନାଂଶମାନ କେବଳ ଉପଭୋଗ୍ୟ ନୁହେଁ, ଅନୁଧେୟ ମଧ୍ୟ ।

ଶଶୀ ବାବୁଙ୍କ ପ୍ରଥମ ପ୍ରକାଶିତ "ନଳିନୀ ବିଜୟ"ର ରଚନା ଶୈଳୀ ପରେ ଏହା ଚିତ୍ତାକର୍ଷକ ହୋଇଅଛି । ତାଙ୍କର ଦମୟନ୍ତୀ କବିତାକୁ କବି ସିଦ୍ଧର ମେହେରଙ୍କ ଶୈଳୀରେ ଗଢ଼ିବାକୁ ସେ ଚେଷ୍ଟା କରିଛନ୍ତି । "ମୁକ୍ତ ପଥର ଭିକାରି" ମଧ୍ୟ ସେ ଶୈଳୀ ପରମ୍ପରାର କବିତା ହୋଇଥିବାରୁ ବେଶ୍ ଚିତ୍ତାକର୍ଷକ ହୋଇ ପାରିଛି । ଏହା ବିଭିନ୍ନ ବୃତ୍ତରେ ରଚିତ ଏକ ଛନ୍ଦୋବଦ୍ଧ କାବ୍ୟ, ତେଣୁ ଏପରି କବିତା ରଚନା କାଳରେ ସଠିକ ଅନୁପ୍ରାସଯୁକ୍ତ ଶବ୍ଦ-ମାନଙ୍କର ଉପଯୁକ୍ତ ପ୍ରୟୋଗ କରି ପାରିଲେ କବିତା ସ୍ୱତଃ ଲଳିତ, ମଧୁର ଓ ସଙ୍ଗୀତମୟ ହୋଇଥାଏ ।

ଶଶୀ ବାବୁ ଏ ଦିଗରେ ଭବିଷ୍ୟତରେ ଅଧିକତର ଅବହିତ ହେବେ ବୋଲି ଆଶା କରୁଯାଏ ।

ବରଗଡ଼
ତା: ୨୦।୧୨।୭୫ } ଶ୍ରୀ ଖଗେଶ୍ୱର ସାହୁ

(୨)

ମଦୀୟ ବାଲ୍ୟ ସହପାଠୀ ଶ୍ରୀଯୁକ୍ତ ଶଶିଭୂଷଣ ମିଶ୍ରଙ୍କ ରଚିତ "ମୁକ୍ତ ପଥର ଝଙ୍କାର" କବିତାଟି ପାଠ କରି ବିଶେଷ ଆନନ୍ଦ ଉପଭୋଗ କଲି । କର୍ମମୟ ଜୀବନରେ ଥାଇ ଅଳ୍ପ ଶିକ୍ଷା ପ୍ରାପ୍ତ ଶଶୀ ବାବୁ ଏପରି ସୁଲଳିତ କବିତା ରଚନା କରି ପାରିଥିବାରୁ ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି ।

କବିତାଟି ବିଭିନ୍ନ ବୃତ୍ତରେ ସୁସଜ୍ଜିତ, ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାରରେ ବିଭୂଷିତ ହୋଇ ନିଜ କଳେବରକୁ ରୁଚିରତର କରିପାରିଛି । ପ୍ରାକୃତିକ ବର୍ଣ୍ଣନାବଳୀ ଜୀବନ୍ତତୁଲ୍ୟ ପ୍ରତୀୟମାନ ହୋଇ ପାଠକର ମନ ହରଣ କରୁଅଛି ।

ତେଣୁ କବିତାଟି ଆଧୁନିକ ରୁଚିସମ୍ପନ୍ନ ହୋଇ ନ ଥିଲେ ମଧ୍ୟ ବେଶ ଉପଭୋଗ୍ୟ ହୋଇଅଛି । ଆଶା ତରୁଣ କବି ସାହିତ୍ୟ ସେବାରେ ନିଜକୁ ପୂର୍ଣ୍ଣ ପ୍ରାଣରେ ନିୟୋଜିତ କରି ଆତ୍ମପ୍ରସାଦ ଲଭ କରିବା ସଙ୍ଗେ ସଙ୍ଗେ କବିତା ରାଜ୍ୟରେ ଉତ୍ତରୋତ୍ତର ଖ୍ୟାତି ଅର୍ଜନ କରିବେ । ଇତି ।

ଧାମା
ତା: ୧୫।୧୨।୭୪ } ଶ୍ରୀ ଜନାର୍ଦ୍ଦନ ପାତ୍ର
ଏମ୍. ଏ. ଡ଼ି. ଇଡ଼

ପଦେଅଧେ

(୩)

ଶ୍ରୀମାନ୍ ଶଶିଭୂଷଣ ମିଶ୍ର "ମୁକ୍ତ ପଥର ଭିକାରି" ସମ୍ବନ୍ଧରେ ଅଭିମତ ଦେବାକୁ ମୋତେ ଅନୁରୋଧ କରିଛନ୍ତି । ମୁଁ ତାଙ୍କ କୃତର ପାଣ୍ଡୁଲେଖା ପାଠ କରିଅଛି । ତତ୍ ବିଷୟରେ କୌଣସି ମତ ବା ଅଭିମତ ଦେବା ମୋର ଉଦ୍ଦେଶ୍ୟ ନୁହେ ଏବଂ ସେଥିଲାଗି କୁଣ୍ଠା ବୋଧ କରୁଅଛି । ଅନ୍ୟର ଅଭିମତ ପାଠକମାନଙ୍କର ସ୍ୱାଧୀନ ବିଚାରକୁ ଅଯଥା ବିପଥଗାମୀ କରେ । ବେଳେ ବେଳେ ଅଭିମତର ମଧ୍ୟ ମୂଲ୍ୟହାନି ଘଟେ । ସୁଧୀ ପାଠକବୃନ୍ଦ ନିଜେ ପାଠ କରି ଏବଂ ବିଚାର କରି କବିତାର ମୂଲ୍ୟାଙ୍କନ କରିବେ ।

କବି ସିଦ୍ଧେଶ୍ୱର ମେହେରଙ୍କ ତିରୋଧାନ ପରେ ସମ୍ବଲପୁରର କାବ୍ୟାକାଶ ଶୂନ୍ୟ ହୋଇଅଛି । ମେହେରଙ୍କ ପରି ଶଶିଭୂଷଣ ବିଦ୍ୟାଳୟରୁ ଅଳ୍ପ ମାତ୍ର ଶିକ୍ଷା ପାଇଛନ୍ତି ଏବଂ ତାଙ୍କ ପରି କମାବନ୍ଧୀ ଭିଆଣ ବ୍ୟବସାୟୀ । କବିତା ପ୍ରଣୟନରେ ସେ ମେହେରଙ୍କ ପଦାଙ୍କ ଅନୁସରଣ କରିଛନ୍ତି ଏବଂ ଆଶାର କ୍ଷୀଣ ଆଲୋକ ସଞ୍ଚାରଣ କରିଛନ୍ତି । ସେ ଏ ମାର୍ଗରେ କେତେ ଦୂର ନିଜ ଉଦ୍ୟମ ସଫଳ କରି ପାରିବେ, ତାହା ଦେଖିବା ପାଇଁ ବାସନା ରହିଲା ।

ମୋଦିପଡ଼ା,
ସମ୍ବଲପୁର

ଶ୍ରୀ ଶିବପ୍ରସାଦ ଦାଶ
ତା: ୧୫ । ୫ । ୭୭

ଲେଖକ – ଶ୍ରୀ ଶଶିଭୂଷଣ ମିଶ୍ର

ମୁକ୍ତି ପଥର ଭିକାରି

ପ୍ରଥମ ଛାନ୍ଦ

(ନନ୍ଦବାଣୀ—ବୃତ୍ତ)

ଜୟ ରମାପତି ଶ୍ରୀମତୀ ବଲ୍ଲଭ
ତୋ ଚରଣସେବା ମୋ ପକ୍ଷେ ଦୁର୍ଲ୍ଲଭ
ଯେ ପଦ ମହିମା ଦେବେ ଅଗୋଚର
ବୁଝିବ କିପରି ମୁହିଁ କ୍ଷୁଦ୍ର ନର ।
ଚଣ୍ଡବାତେ ଯଥା ନୀରସ ପଲ୍ଲବ
ମୋ ପକ୍ଷେ ସେ ଦଶା ହୋଇଛି ସମ୍ଭବ ।
ଅଳୀକ ସୁଖରେ ହୋଇ ବଶୀଭୂତ
ମାୟାମୟ ସ୍ରୋତେ ହେଲି ପ୍ରଧାବିତ ।
ଭବାବ୍ଧି ତରଙ୍ଗ ପ୍ରଚଣ୍ଡ ଅନିଳେ
ଉଠେଁ ପଡେଁ ମୁହିଁ ସ୍ଥିରେ ନୁହେଁ ତିଳେ ।
ଆବୋରିଛି ଆଶା ପରବନ୍ତ ଚୂଳ
ତବ ନାମ-ତରୀ ଲଗାଇବ କୂଳ ।

ତୋ ଗୁଣ ବର୍ଣ୍ଣିବେ କାହିଁ ମୋର ଜ୍ଞାନ
ଶାରଦା ଚରଣେ ଲଗାଇବି ଧ୍ୟାନ ।
ଅଲଅଲ ସୁତ ପରାସ୍ତ ସତତ
ଅଳି କରୁଥିବି ଧରି ମୁଁ ଚରଣ ।
ପ୍ରସନ୍ନ ବଦନ୍ତେ ହୁଅନ୍ତୁ ସେ ଯାହା
ତାଙ୍କ ଆଜ୍ଞା ପାଳି ଲେଖିବି ମୁଁ ତାହା ।
ସଜାଇବି ପଦ ନାନାବିଧ ଛନ୍ଦେ
ପ୍ରେମିକ ଭକତେ ଯେମନ୍ତେ ଆନନ୍ଦେ ।
ଯାଉଥିବି ଚଢ଼ି କଳ୍ପନା ରଥରେ
ଦୃଷ୍ଟି ଥିବ ସଦା ବାସ୍ତବ ପଥରେ ।

× × × ×

ସାହିତ୍ୟକାନନ ଅଧିଷ୍ଠାତ୍ରୀ ଦେବୀ
ତୋ କଙ୍କର ପଦେ ମୁଁ କି କ୍ଷମ ହେବି ।
ନୁହେ ମୁଁ ପଣ୍ଡିତ ନୁହେ ସୁଲେଖକ
ନୁହଇଟି ମୁହିଁ ସୁପର୍ଯ୍ୟବେକ୍ଷକ ।
ଉତ୍କଳ ସାହିତ୍ୟ କାନନ ଭ୍ରମଣ
ବାସନା ଥିଲେ ହେଁ ଦୈବୀ ବିଡ଼ମ୍ବନ ।
କରିଦଏ ପଥ ଅତି ଦୁରଗମ
ଅଜ୍ଞାନ ଅନ୍ଧାରେ ନୋହୁଛି ସୁଗମ ।
ତଥାପି ଟଗା ମାତ ବାନ୍ଧି ମୁଁ ସାହସ
ତୋ ପଦକମଳେ ଅର୍ପୁଛି ମାନସ ।

କବି ଆଖ୍ୟା ପାଇଁ   ନ ବଳେ ମୋ ଚିତ୍ତ
ଉପାଧି ଲଭରେ   ନୁହେଁ ଲାଳାୟିତ ।
ସ୍ୱର୍ଗେ ରହି ପଛେ   ହେବ ମୁହିଁ ଶ୍ୱାନ
ମର୍ତ୍ତ୍ୟେ ରଙ୍କା ହୋଇ   ନ ବଢ଼ୁ ମୋ ମାନ ।
ନବ ଯୁଗ ନବ   ସବୁଜ ସାହିତ୍ୟ
ପ୍ରଲୋଭନେ କେବେ   ନ ବଳେ ମୋ ଚିତ୍ତ ।
ସ୍ୱଭାବ ସୁନ୍ଦର   କବି ଗଙ୍ଗାଧର
ଗୃଲଛନ୍ତି ମାଗୋ   ଧରି ନିତ୍ୟ ଶ୍ରୀକର ।
ପକାଇ ଅଛନ୍ତି   ଯେହି ଯେଉଁ ପଦ
ଏକ ଏକ ପଦ   ରସାମୃତ ନଦ ।
ବନ୍ଦୁ ମାନ ଛନ୍ତି   ଲଭିବାକୁ ମାତ
ଜଣାଏଁ ଚରଣେ   ନତ କରି ମାଥ ।

× × × ×

ନୀରବ ନିଶୀଥେ   ପ୍ରକୃତି ସୁନ୍ଦରୀ
ଯାଛେ ଧରାମଞ୍ଚ   ଚନ୍ଦ୍ରାଲୋକ ଧରି ।
ଦିବା ଅଭିନୟ   ହେବ ନିଶିଶେଷେ
ଦିଗଙ୍ଗନା ସଙ୍ଗେ   ମିଳି ନବବେଶେ ।
ରତ୍ନାକର ସମ   ଷଡବନାଳିନୀ
ଅବନ୍ତିକା ଶୁଭ୍ର   ସଜ୍ଜଧମାଳିନୀ ।
ଧରି ବକ୍ଷେ ସ୍ୱଚ୍ଛେ   ଧରି ନବ ଜ୍ୟୋତି
ଧରା ବକ୍ଷ ଶୋଭୀ   କ୍ୱଚିତ ଗଜମୋତି ।

ସଉଧ ଶିଖର ଆଲୋକ ଆବଳୀ
ମୋତି ଚୂଡ଼େ ଅବା ମାଣିକ୍ୟର ଝଳ ।
ହେମଚଞ୍ଚୁ ଯୁକ୍ତ ଉଡ୍ଡୀନ ମରାଳ
ସମେ ଶୋଭାପାଏ ଦୋଳିତ ଚପଳ ।
ନଗର ପ୍ରାନ୍ତର ଶ୍ୟାମ ବନରାଜି
ବସ୍ତ୍ରଚ୍ଛଳେ ଧରି ଅଙ୍ଗ ଅଛି ସାଜି ।
ଲତା ବେଣୀ ବନ କୁସୁମେ ଶୋଭିତ
କୋରକିତ ଥୋକେ ଭୂତଳେ ପତିତ ।
ତୁଙ୍ଗ ଶୃଙ୍ଗଧାରୀ ଭୂଧର ବୀଥିକା
ଶୋଭେ ମଞ୍ଚୋପରି ନିଭ ଯବନିକା ।
ଜ୍ୟୋତ୍ସ୍ନା ବିଭୂଷିତା ସାତ୍ତ୍ୱିକା ଧରଣୀ
ସ୍ତବ୍ଧେ ଅନୁସରେ ପ୍ରଭାତ ସରଣୀ ।
ନିଶାପତି ପୋତେ ପଟ୍ଟ ଉନ୍ମୋଚିତ
ରଙ୍ଗମଞ୍ଚ ହେଲା ନୟନେ ଆଲୋକିତ ।
ଝଙ୍କୃତ ଘୋଷିତ ଗୁଣୁ ଗୁଣୁ ସ୍ୱନେ
ରତ ହୋଇ ପୂତ ମନ୍ତ୍ର ସୁମଠନେ ।
ପ୍ରଥମରେ ଆସୁଁ ପ୍ରଭାତ ସୁନ୍ଦରୀ
ନିସ୍ତବ୍ଧତା ଗଲା କ୍ରମେ ଅପସରି ।
ବିଶ୍ୱ ବିମୋହନ ବହୁ ବନ୍ଦୀ ତାନେ
ସୁବଳ ପ୍ରଭୃତ ପରଭୃତ ଗାନେ ।

ବାସୁଁ ବହ୍ନାସ୍ୱସେ ଆଣି କୃଷ୍ଣଡାଳ
ନଯୋଗିଲେ ସୁଦେବ ମାନ ସଂଗେ ତାଳ ।
ଶ୍ରବଣେ ନାଦିଲ ଧାବାନ୍ତ ପେଚକ
ମିଳିଲ ଢବସ ଆଗମ ସୂଚକ ।
ଶଙ୍ଖ ସୂତ ଛାଣି ରବି ଆଗମନ
ପୁରେ ପୁରେ ଦେଲ ନବ ଜାଗରଣ ।
ଚଠଳ ନର୍ତ୍ତକୀ ଚୂଡ଼ୁ ଚୂଡ଼େ ନାଦେ
ନୃତ୍ୟ କଲ ଚୂଳେ ମନର ଆହ୍ଲାଦେ ।
ଦିବା ଅଭିନନ୍ଦ- ଦର୍ଶକ ତେଜନ
ଆବେଦଣ କଲେ ପ୍ରାଚୀ ସିଂହାସନ ।
ପ୍ରାଚୀ କୋଳେ ନବ ଜ୍ୟୋତ ବସ୍ତ୍ରସିତ
ନବୀନ କୁସୁମ ହେଲେ ବିକଶିତ ।
ପଦ୍ମିନୀ ସୁନ୍ଦରୀ ହରଷ ଅନ୍ତରେ
ରସଦାନୀ ହେଲ ଲମ୍ପଟ ଭ୍ରମରେ ।
କୁମୁଦିନୀ କର ମୁଦ୍ରିତ ବଦନ
ବୋଲେ ପଙ୍କଜିନୀ ଧିକ ତୋ ଜୀବନ ।
ଜଣାଗଲ ହୋଇ ରୂପ ଗରବଣୀ
ନିଜେ ନ ପାରୁଛୁ ନିଜକୁ ତୁ ଚିହ୍ନି ।
ଜଗତେ ମହତ ଅଟନ୍ତି ତୋ ପତି
ତଥାପି ରହିଲୁ ଲମ୍ପଟେ ପିରତ୍ତି ।

ପତ୍ର ଯୋଗୁଁ ସିନା ରୂପ ତୋ ସୁନ୍ଦର
ଜନ ମନ ରଞ୍ଜି ପାଉଛୁ ଆଦର ।
ନ ପାରିବ ଦେଖି ମୁଁ ତୋହର ସୁଖ
କହି କୁମୁଦିନୀ ପୋତିଦେଲା ମୁଖ ।

ସ୍ନାନ ଅନ୍ତେ ବିପ୍ର ମୁଖୁଁ ଉଚ୍ଚାରିତ
ହରି ନାମ ଧ୍ୱନି କଲା ମୁଖରିତ ।
※ ପ୍ରାତଃ କର୍ମ ସାରି ବିପ୍ର ଦାମୋଦର
ଶାଶ୍ୱତ ନିବେଶି ମାନସ ଭ୍ରମର ।

ପ୍ରଭୁ ପାଦ ପଦ୍ମ ମକରନ୍ଦ ପାନେ
ରତ ହେଲେ ଶତ୍ରୁ ରଖି ଏକ ଧ୍ୟାନେ ।
ଦାରିଦ୍ର୍ୟ ଯନ୍ତ୍ରଣା କୁଟୀର ନିବାସ
ପାର୍ଥିକତା ହେତୁ ଦେଉ ନାହିଁ ତ୍ରାସ ।

ସ୍ୱଭାବ ଶାଶ୍ୱତେ ଆଶ୍ରିତ ଯେ ଜନ
ଜଣି ପାଟରି ହେଲେ ଦୁଷ୍ଟ ରିପୁ ଗଣ ।
ବିଭବ ବିଳାସ ଆଶା ପିପାସିନୀ
† ସୁମତୀ ସୌଭାଗ୍ୟେ ସଦା ଅଭାଗିନୀ ।

※ ଦାମୋଦର—ସ୍ୱନାମକୀର୍ତ୍ତିତ ସୁଦାମା
† ସୁମତୀ—ସୁଦାମାଙ୍କ ପତ୍ନୀ

ସମ୍ପଦ ଲଳସା ପୋଷି ନିରନ୍ତର
ଯନ୍ତ୍ରଣା ଯନ୍ତ୍ରିତ କ୍ଷୀଣ କଳେବର ।
କାନ୍ତ ପାଖେ ମିଳି ନତ କରି ମଥା
ନିବେଦିଲେ ଦୁଃଖେ ହୃଦୟର ବ୍ୟଥା ।
ଚକ୍ଷୁ ବୁଜି ହସ୍ତ ଯୋଡ଼ି ପଦ୍ମାସନେ
ବସି କୃଷ୍ଣ ନାମ ନିରତ ଭଜନେ ।
ଜୀବନ ଧାରଣେ ଲୋଡ଼ା ହୁଏ ଯାହା
କର୍ତ୍ତବ୍ୟ ବିହୁନେ ମିଳିବ କି ତାହା ।
ଭଗ୍ନ ଜଦାକାର କୁଟୀର ଆକାର
ଧରିବ କି ଉଚ୍ଚ ସଉଧ ପ୍ରକାର ।
ଦାରିଦ୍ରତା ଯୋଗୁଁ ପାଇ ଅବସର
ଅକାଳେ ବାର୍ଦ୍ଧକ୍ୟ ଭେଟେ କଳେବର ।
ମାୟା ବନ୍ଧେ ଯେଣୁ ପଡ଼ିଛୁ ହେ ନାଥ
ଚଳିବ କେସନେ ନତ କଲେ ମାଥ ।
ଗୃହସ୍ଥ ଆଶ୍ରମେ ସଂସାରିକ ମତେ
ଚଳିବାକୁ ହେବ କର୍ମମୟ ପଥେ ।
ପରଂବ୍ରହ୍ମ ପଦେ ନିତ୍ୟ ଥିବ ଚିତ୍ତ
ଭାଗ୍ୟେ ଅନୁସରି ଅରଜିବ ବିତ୍ତ ।
ଚିତ୍ତ ହେଲେ ଚିତ୍ତ ଦେବ ପରହସ୍ତେ
ନିସ୍ୱାର୍ଥରେ ସଦା ଥିବ ତରକିତେ ।

ଏ ରୂପେ ଆଚରି ସାତ୍ତ୍ୱିକ ବ୍ରତ
ଅବହେଳେ ଲଙ୍ଘ ପ୍ରପଞ୍ଚର ପଥ ।
ତୃଣରାଜ ନାମ ପାଦପେ କଥିତ
ପଥ ପାର୍ଶ୍ୱଦେଶେ ହୋଇ ବରଜିତ ।
ନଭସ୍ପର୍ଶୀ ଶିର ପ୍ରଶସ୍ତ ପଲ୍ଲବ
କିନ୍ତୁ ଛାୟା ଦାନ ତା ପକ୍ଷେ ଦୁର୍ଲ୍ଲଭ ।
ତଥା ଜୀବ ଶ୍ରେଷ୍ଠ ମାନବ ଜନମ
ଲଭି ଯେ ନ କରେ ପରହିତ କର୍ମ ।
ସ୍ୱାର୍ଥ ରଥେ ବସି ଚଳେ ସ୍ୱାର୍ଥ ପଥେ
ବୃଥା ତା ଜନମ ଏ ମର ଜଗତେ ।
ଏଣୁ ନାମ ଦେନି ଦାସୀ ନିବେଦନ
ସତ୍ୟ ପଥେ କର ଧନ ଅରଜନ ।
ଧ୍ୟାନ ରତ ଭକ୍ତ ମୁଦ୍ରିତ ନୟନେ
କାନ୍ତା ନିବେଦନ ନ ଶୁଣୁ ଶ୍ରବଣେ ।
ବିରସ ବଦନେ ବସିଲେ ସୁମତି
ବିଭବ ବିଳାସ ବାସନାରେ ମତି ।

ଦ୍ୱିତୀୟ ଛାନ୍ଦ

ବୃତ୍ତ—କଳହଂସ କେଦାର

ପୂଜା ଶେଷରେ ବପ୍ର ହାସ୍ୟ ବଦନେ
ପ୍ରକାଶିଲେ କୋମଳ ଧୀର ବଚନେ ।
ସମ୍ପଦ ଅଟେ ସଦା ବିପଦ ଖଣି
ନ କର ବାଞ୍ଛା ଆଗୋ ପ୍ରାଣ ମିତଣୀ ।୧।
ଦୂର ପବନ୍ତ ମନ ନୟନ ହରେ
ନିକଟେ ଗଲେ ଭୟେ ହୃଦୟ ଥରେ ।
ଧନ ଆସକ୍ତ ଜନ ହୋଇ ତେସନ
ଲଭ କରନ୍ତି କ୍ଳେଶ ଭବ ବନ୍ଧନ ।୨।
ପାଦପ ଦେହେ ସଦା ଆଶ୍ରି ଲତା
ସମ୍ପଦ ଆଶା ଲିପ୍ତ ମାନବ ତଥା ।
ଅନିତ୍ୟ ହେଣୁ ଧନ ଜୀବନ ଭବେ
ତଟିନୀ ତଟ-ତରୁ ଦଶାକୁ ଲଭେ ।୩।
ସମ୍ପଦ ଯୋଗେ ସଦା ଚଞ୍ଚଳ ମତି
ଯୌବନ ମଦେ ଯଥା ନବ ଯୁବତୀ ।
ସୁନ୍ଦର ରୂପ ଖଳ ପ୍ରକୃତ ନାଶୀ
ସମାନ ଅଇଶ୍ୱର୍ଯ୍ୟ ଅଟେ ଭଗାଣ ।୪।
ସାଧୁ ହୁଅଇ ଯଦି ଧନ କରତା
ଇଚ୍ଛଇ ହରିବାକୁ ଦରିଦ୍ର ବ୍ୟଥା ।
ଅସାଧୁ ହୁଏ ଯଦି ଧନାଧୀଶ୍ୱର
ଇତରେ ମଣିଥାଏ ପଦ କଙ୍କର ।୫।

ଐଶ୍ୱର୍ଯ୍ୟ ମଦେ ନିତ୍ୟ ଭୋଗରେ ମଜ୍ଜି
ନରକୁ ନେଉଥାଏ ଜ୍ଞାନ ବରଜି ।
ଅଦ୍ଭୁତ ଦ୍ୱୈତ ବୋଧ ହୁଏ ସତତ
ମାୟା ତମିରେ ଥାକୁ ନ ଦିଶେ ପଥ ।୬।
କନକ ତନୁ ଯଥା ଅନଳେ ଦଗ୍ଧ
ତେଜ ପ୍ରକାଶି ଜନ ମନ ରଞ୍ଜଇ
ଦୁଃଖ ଅନଳେ ତଥା ନ ଦେଲେ ହ୍ରାସ
ମାନବ-ମାନବତା କାହିଁ ପ୍ରକାଶ ।୭।
ଲଳସି ହରି ପ୍ରେମ ଅମୃତ ଭୋଗ
ବନ୍ଧୁ ଭକତେ କାହିଁ ସମ୍ପଦ ଯୋଗ ।
ଭବେ ଅଭାବେ ସଦା ଥାଏ ସନ୍ତୋଷ
ଦିବସ ଲଭେ ଯଥା ଉଷା ପ୍ରଦୋଷ ।୮।
ଦୃଢ଼େ ବୋଲଇ ମୋର ଅଚ୍ୟୁତ ହରି
ସ୍ଥିର ବିପଦ ମୋର କି ପାରେ କରି ।
ବାସ, ବସନ, ଧନ, ରତନ, ମାନ
ହରି ଭକତ ନେହେ ତୃଣ ସମାନ ।୯।
ନିରନ୍ତ ହରି ନାମ ଭଜନେ ସୁଖ
ଲଭ କରଇ ଆନେ ମଣଇ ଦୁଃଖ ।
ଅଳୀକ ସୁଖ ଭୋଗ ମର ଜଗତେ
କାମନା କଣ୍ଟା ସମ ନିର୍ବାଣ ପଥେ ।୧୦।

ଶୁଣି ସୁମତୀ ଦୁଃଖେ ଚଳକୁ ଗୃହଁ
ଚିନ୍ତା ସରିତେ ଚିତ୍ତ ଦେଲେ ବୁଡ଼ାଇ ।
ବୋଇଲେ ପ୍ରାଣନାଥ ନ ଥାଇ ଚିତ୍ତ
ସଂସାରୀ ଜନ କେବେ ନୁହେଁ ନିଶ୍ଚିନ୍ତ ।୧୧।
କ୍ଷୁଦ୍ର ପିମ୍ପୁଡ଼ି ଦେଖ ଚତୁର ଚିତ୍ତେ
ସଞ୍ଚୟ କରେ ଚିତ୍ତ ଆପଣା ଧୃତେ ।
ତାହାଁରୁ ହୀନ ଆମ୍ଭେ ଘର କରଣା
ହେବାରୁ ବୁଦ୍ଧି ମୋର ହେଉଛି ବଣା ।୧୨।
ଭାଷିଲେ ଦ୍ୱିଜ ଧୀର ମଧୁର ଗିର
ସ୍ଥିର ସମ୍ପଦ ଆଣେ ନୁହ ଅଧୀର ।
ଥପୁ ତୁ ଧର ମତି ନୋହୁ ଚଞ୍ଚଳ
ତଟିନୀ ତଟେ ଯଥା ସ୍ଥିର ଅଚଳ ।୧୩।
ପାଦପ ଫଳ ଲଭେ ଧୀର ସମୀରେ
ଚଞ୍ଚଳ ବାତ ଘାତେ ପଡ଼େ ଭୂମିରେ ।
ଧନ ଧଇର୍ଯ୍ୟ ସଖି ଘେନ ସାନ୍ତ୍ୱନା
ଦୀନବନ୍ଧୁ ଫେଡ଼ିବେ ସର୍ବ ଯାତନା ।୧୪।
ରମାବତାରେ ଜାଣି ନାହିଁ କି ସଖି
ଗଜତମୀ ତାରିଲେ ପସୁର ରକ୍ଷି ।
ବାଳକ ପ୍ରହ୍ଲାଦ ଧ୍ରୁବ କୁମର
ଭକ୍ତି ଯୋଗେ ଲଭିଲେ ପଦ ଅମର ।୧୫।

ଏଣୁ ଗୋ ପ୍ରିୟ ସଖି   କହୁଛନ୍ତି ମୁହିଁ
ହର ଚରଣ ଆଶ୍ରା   କରଯା ଭୁଇଁ ।
ଆରତେ ଚନ୍ଦ୍ର   ଆର୍ତ୍ତତ୍ରାଣ ନାମକୁ
କୃତାର୍ଥ ହେବୁ ଲଭ   ସୁଖ ଧାମକୁ ।୧୬।
ଭିକ୍ଷା ଝୁଲି ମୋ ବେଗେ   କର ବାହାର
ବୁଲି ପାଳିବ ଧର୍ମ   ସତ୍ର ଦୁଆର ।
ଊର୍ଦ୍ଧ୍ୱ ଗଗନେ ଆସି   ଦିନନାୟକ
ହେଲେଣି ପଥେ ହେବେ   ଦୁଃଖଦାୟକ ।୧୭।
ଚଳ ପ୍ରତିମା ପ୍ରାୟେ   ସୁମତି ଯାଇ
ନୀରବେ ଝୁଲି ଆଣି   ଦେଲେ ବଢ଼ାଇ ।
ଚିତ୍ତ ସମର୍ପି କୃଷ୍ଣ   ପଦ ସାରସେ
ଚଳିଲେ ଭକ୍ତ ଭିକ୍ଷା   ପଥେ ହରଷେ ।୧୮।
ସୁମତି ପୋଡ଼ ମୁଖ   କୁଟୀ ପ୍ରାଙ୍ଗଣେ
ନୀରବେ ନଇରାଶ୍ୟ-   ପୂର୍ଣ୍ଣ ବଦନେ ।
ବସିଲେ ହୃଦେ ଚିନ୍ତି   ପରାଣକାନ୍ତ
ଲୋତକେ ଛନ୍ଦୁଥିଲା   ନୟନ ପ୍ରାନ୍ତ ।୧୯।
ନିର୍ଜନେ ଦୁଃଖାନଳ   ହେଲା ପ୍ରବଳ
ବେଦନ ଭରେ ହୋଇ   ଅତି ବିକଳ ।
ଡାକିଲେ ଦୀନନାଥେ   ଦୀନ ଗୁହାରି
ଶୁଣିବା ପାଇଁ ପ୍ରଭୁ   ହେଲା କି ଧରି ? ।୨୦।

ସମଦରଶୀ ତୁମ୍ଭେ   ସୃଷ୍ଟି କାରକ
ସକଳ ପ୍ରାଣୀ କର୍ମ   ଫଳ ଧାରକ ।
ଅମୀୟ ଲଭେ ଧନୀ   ଲଭି ଆଶିଷ
ଦରିଦ୍ର ଭାଗ୍ୟେ କିପାଁ   ଫଳଇ ବିଷ ? ।୨୧।
ସକଳ ଭୂତେ ଆତ୍ମା   ବୋଲଅ ହରି
ଦରିଦ୍ର ଆତ୍ମା ତହିଁ   ନୁହେଁ କି ସରି ।
ଜନେ ବୋଲନ୍ତି ତୁମ୍ଭେ   ଜଗତ ପିତା
ଦୀନ ସୁତଙ୍କୁ ତବ   ଲଗେ କି ପିତା ? ।୨୨।
କଣ୍ଠ କରେ ପ୍ରଭୁ   ଚକ୍ର ଧାରଣ
ଅଛି କି ତହିଁ ଉଚ୍ଚ   ନୀଚ ବାରଣ ।
ବୋଲଅ ସେଣୁ ତୁମ୍ଭେ   ଜଗତ ନାଥ
ଚରଣ ତଳେ ଦୁଃଖୀ   ପାତନ୍ତି ହାତ ।୨୩।
କୃପା ସରିତ ପତି   ହୋଇ ଆପଣ
କୃପା ସଲିଳ ଦାନେ   କିପାଁ କୃପଣ ।
ନବ ନୀରଦ ତନୁ   ନୀରଦବତ
ମୋ ଚିତ୍ତ ଚାତକକୁ   କର ତୃପତ ।୨୪।
ଆକାଶ ମାର୍ଗେ ସତୀ   ଦେଲେ ଅନାଇଁ
ମଧ୍ୟ ଗଗନେ ଛନ୍ତି   ଦିବସ ସାଇଁ ।
କାନ୍ତ ଆଗମ ଆଶା   କରି ପୋଷଣ
ବସିଲେ ବିପ୍ର ପତ୍ନୀ   ପୋଛି ଭୂଷଣ ।୨୫।

ତୃତୀୟ ଛାନ୍ଦ

ନଳିନୀଗୌଡ଼ା ବୃତ୍ତ

ପ୍ରଚଣ୍ଡ ମାର୍ତ୍ତଣ୍ଡ ତାପେ   ତାପିତ ଧରଣୀ
ମରୀଚିକା ଉପୁଜଇ   ବିଜନ ସରଣୀ ଯେ ।
ବିଭାବସୁ * ଖର ରଶ୍ମି   ବିଭାବସୁ § ବତ
ବିଶ୍ରମିତେ ବିହଙ୍ଗମେ   କରଇ ବିବ୍ରତ ଯେ ।
ପଲ୍ଲବ ଛୟ ଉଦ୍ୟାନେ   ଥର ଥର କଣ୍ଠେ
ବସିଛନ୍ତି ଖଗେ ଯଥା   ଯୋଗୀଜନ ମଠେ ଯେ ।
ନିଦାଘ ଆସିଲ, ଧରା   ସ୍ୱୀୟ ପ୍ରଦର୍ଶନେ
ପଥିକେ ଅଥୟ କରେ   ତାପ ବରଷଣେ ଯେ ।
ଭଷ ଜୀବୀ ବିନ୍ଦୁ ଭକ୍ତ   ବିପ୍ର ଅଙ୍କାତରେ
ସନ୍ତ୍ରସ୍ତ ଆତପ କଷ୍ଟ   ନିର୍ଜନ ପ୍ରାନ୍ତରେ ଯେ ।
ଭିକ୍ଷାଲବ୍ଧ ସପ୍ତ ମୁଷ୍ଟି   ତଣ୍ଡୁଳର ଗଣ୍ଠି
ବିଲମ୍ବିତ କଣ୍ଠେ ଯଥା   ଶିବ-ବୃଷ-ଘଣ୍ଟି ଯେ ।
ସ୍ୱେଦ ବିନ୍ଦୁ ବିନ୍ଦୁ ପ୍ଲାବେ   କେଶ ହୀନ ଶିରେ
ଦିଶେ ଯଥା ଶୀତ ଋତୁ   ପଲ୍ଲବ ଶିଶିରେ ଯେ ।
ବିଷାଦ ବିହୀନ ହୃଦ   ମନର ଆନନ୍ଦେ
ତଣ୍ଡୁଳ ଗଣ୍ଠିରେ କର   ଚିତ୍ତ ବିନ୍ଦୁ ପଦେ ଯେ
ସମର୍ପି, ପ୍ରବେଶ ହେଲେ   କୁଟୀର ପ୍ରାଙ୍ଗଣେ
ବିପ୍ର ପତ୍ନୀ ଥିଲେ କାନ୍ତ   ପଥାନୁସରଣେ ଯେ ।

* ସୂର୍ଯ୍ୟ § ଅଗ୍ନି

ମୃତ୍ତିକା ନିର୍ମିତ ଘଟେ ସୁନିର୍ମଳ ଜଳ
ଆଣି ଧୋଇଦେଲେ ସ୍ୱାମୀ ଚରଣ ଯୁଗଳ ଯେ ।
କରେ ଘେନି ଛିନ୍ନ ତାଳ- ବୃନ୍ତର ବ୍ୟଜନ
ସ୍ୱେଦ ସିକ୍ତ ଅଙ୍ଗେ କଲେ ସତ୍ୱରେ ବୀଜନ ଯେ ।
ଶ୍ରମ ଶାନ୍ତି ଅନ୍ତେ ବିପ୍ର କରି ଜଳ ପାନ
କୁଶାସନେ ବସି କଲେ କୃଷ୍ଣ ନାମ ଗାନ ଯେ ।
କାନ୍ତ ପଥ ଅନୁସରି ସୁମତିନ ସୁମତି
କ୍ଷୁଧାନଳେ ଜଳ ଦାନେ ତୋଷ କଲେ ମତି ଯେ ।
ଭିକ୍ଷାଲବ୍ଧ ତଣ୍ଡୁଳରେ ସିଦ୍ଧ କରି ପାକ
ଭୋଜନାର୍ଥେ ଜଳ ଘେନି ବିପ୍ରେ ଦେଲେ ଡାକ ଯେ ।
ଏ ସମୟେ ଆସି ଏକ କ୍ଷୁଧାର୍ତ୍ତ ବ୍ରାହ୍ମଣ
ଅନ୍ନ ଭିକ୍ଷା ପାଇଁ ବିପ୍ରେ କଲେ ନିବେଦନ ଯେ ।
ଶୁଣି ସୁଦାମା ସହସା ହରଷ ଅନ୍ତରେ
ଡାକ ଦେଇ ସୁମତୀଙ୍କି ବୋଇଲେ ସତ୍ୱରେ ଯେ ।
ଅତିଥି ହୋଇବେ ଯଦି ଗୃହସ୍ଥ ଉପଗତ
ଆସନ ତେଜି ବିନୟେ ଭାଷିବ ସ୍ୱାଗତ ଯେ ।
ସ୍ୱାଗତ ଭାଷଣେ ଅଗ୍ନି, ଇନ୍ଦ୍ର ଆସନରେ,
ପାଦ ଧୌତେ ପିତୃଗଣ, ବ୍ରହ୍ମା ଭୋଜନରେ ଯେ ।
ସନ୍ତୋଷ ଲଭ କରନ୍ତି ଆଗୋ ସୁଲୋଚନେ
ପଞ୍ଚ ଯାଗୁଁ ଯାଗେ ଏହା ରଖି ଥାଅ ମନେ ଯେ ।
ଯାଇ ତହୁଁ ସୁମଧୁରେ କରି ସମ୍ଭାଷଣ
ଅତିଥିଙ୍କି ସଙ୍ଗେ ଘେନି ଆସିଲେ ବ୍ରାହ୍ମଣ ଯେ ।

"କର ଗୋ କଲ୍ୟାଣୀ ଆଗେ ଅତିଥି ସତ୍କାର"
କହୁ କଲେ ଆଗନ୍ତୁକେ ଉଚିତ ବେଭାର ଯେ ।
ସ୍ୱାମୀଠାରୁ ପତ୍ନୀ କରି ଦ୍ୱିଗୁଣ ଆଦର
କରନ୍ତି ପରିବେଷଣ ହୋଇ ତତପର ଯେ ।
ଭୋଜନୁ ଅଧିକ ସୁଖ ଲଭି ବ୍ୟବହାରେ
ବିଦାୟୁ ଯେମନ୍ତ ଅତିଥି ଚଳିଲେ ବାହାରେ ଯେ ।
ବଳିଥିବା ଅନ୍ନତକ କାନ୍ତେ ଦେଲେ ବାଢ଼ି
ସୁମତୀ ସକାଶେ ବିପ୍ର ଥୋକେ ଗଲେ ଗୁଞ୍ଜି ଯେ ।
ସ୍ୱାମୀ ପଦଚୂଡ଼ା ଅନ୍ନ ଭୁଞ୍ଜି ହେଲେ ତୋଷ
ଦରିଦ୍ର ଘର କରଣା କାରେ ଦେବେ ଦୋଷ ଯେ ।

× × ×

ବିଶ୍ୱପତି ବିଶ୍ୱଜନ ବିଶ୍ରାମ ସକାଶେ
ବିଶ୍ୱାଲୋକ ବେନି ଭାଗେ ରଖିଲେ ଆକାଶେ ଯେ ।
ଦିବାଲୋକ ଲୁଚାଇଲେ ବାରୁଣୀ ଅଞ୍ଚଳେ
ନିଶାଲୋକ ପ୍ରକାଶିଲେ ପୂରୁବେ ଚଞ୍ଚଳେ ଯେ ।
କ୍ରମେ ଉଚ୍ଚ ଉଚ୍ଚତର ତହୁଁ ଉଚ୍ଚତମ
ଏକରୁ ଆରେକ ତହୁଁ ତା ତହୁଁ ବିଷମ ଯେ ।
ମଣିମୟ ଗୀତମାଲ ଯେମନ୍ତ ଉପହାର
ଧରଣୀ ସଙ୍ଗମେ ଆସେ ନୀଳ ପାରାବାର ଯେ ।
ନିଶା ଆଗମନେ ମନ୍ତ୍ରୀ ଶଙ୍କିତ ହେଲଣି
ଝିଙ୍କାରି ଝିଁ କୂଜ ସ୍ୱନେ ସଙ୍କେତ ଦେଲଣି ଯେ ।

ଭୂମି ପରେ ଛିନ୍ନାସନେ ବିପ୍ର ଦାମୋଦର
ଆନନ୍ଦେ ଶାୟିତ ଚିନ୍ତି ଗୋବିନ୍ଦ ପଯ୍ସର ଯେ ।
ପଦ ଭାଗେ ବସି ବିପ୍ର ଘରଣୀ ସୁମତୀ
କ୍ଲାନ୍ତ ନିବାରଣ ପାଇଁ ଚରଣ ଗୃପନ୍ତି ଯେ ।
ଏକାଳେ ଶୁକ୍ଳ ବର୍ଣ୍ଣ ଧବ ପୂର୍ଣ୍ଣ ଶଶୀ
କୁଟୀର ଛିଦ୍ରେ ଦର୍ଶନ ଦେଲେ ହସି ହସି ଯେ ।
କରଣ ପରଶେ ତମ ଗଲା ଅପସରି
କୁଟୀର ଗରଭେ ଗଲା ଆଲୋକ ସଞ୍ଚରି ଯେ ।
ଦେଖି ବିପ୍ର ପତ୍ନୀ ଦୁଃଖେ ନତ କରି ମଥା
ବୋଇଲେ ଦେଖ ହେ ସ୍ୱାମୀ କୁଟୀର ଅବସ୍ଥା ଯେ ।
ଆଜ ଚନ୍ଦ୍ରାଲୋକେ ଗୃହ ହେଲା ଆଲୋକିତ
କାଲି ବର୍ଷା ଜଳ ଯୋଗେ ହୋଇବ ପ୍ଲାବିତ ଯେ ।
ମୃତ୍ତିକା ନିର୍ମିତ କୁଟୀ ହୋଇବ ବିନଷ୍ଟ
କେମନ୍ତେ ସହିବା ନାଥ ବାସ ନାଶ କଷ୍ଟ ହେ ।
ବହିଗଲା ନୟନରୁ ନୀର ଝର ଝର
ତର ତରେ ଉଠି ବିପ୍ର ଧେନି ପ୍ରିୟା କର ଯେ ।
ବୋଇଲେ ଏଥକୁ ସହ ନୁହ ତ କାତର
ବିନାଶ ଲଭିବ ଦିନେ ଏହି କଳେବର ଯେ ।
କଳେବର କଥା ତୁମେ ବୁଝିଥିଲ ଯତନେ
କୁଟୀର ପାଇଁକି ଆଜ ନ ଚିନ୍ତିବ ମନେ ଯେ ।
ଦେଖ ଏ କୁଟୀରେ ଆମ୍ଭେ ଦେହିଙ୍କ ବସତି
କଳେବର ମଧ୍ୟେ ଜୀବ ପରମ କ୍ରୀଡ଼ନ୍ତି ଯେ ।

ଷଡ଼ ଛିଦ୍ର ରହୁଅଛି ଷଡ଼ ରିପୁ ସମ
ଗୁହ୍ୟ, ଲିଙ୍ଗ, ମୁଖ, ନାସା, ଶ୍ରବଣ, ନୟନ ଯେ ।
ଅସାର ସଂସାରେ ସାର ମାନବ ଜୀବନ
ଶରୀର ସ୍ୟନ୍ଦନେ ନିତ କରେ ବିଚରଣ ଯେ ।
ଅଶ୍ୱ ରୂପେ ଯୋଗ୍ୟ ତହିଁ ପ୍ରକୃତି ନିକରେ
ଚଞ୍ଚଳ ମାନସ ବସେ ସାରଥି ପଣରେ ଯେ ।
ବାଗ ଡୋର ରୂପେ ଯେନି ଇନ୍ଦ୍ରିୟଗଣଙ୍କୁ
ହୁଙ୍କାର ଶବଦେ ରଥ ଚଳଏ ଆଗକୁ ଯେ ।
ଯେତେ ଦୂର ଗଲେ ପଥ ହୁଏ ନାହିଁ ପ୍ରାନ୍ତ
ଦୁର୍ବୃତ୍ତ ସାରଥି କେବେ ହୁଏ ନାହିଁ ଶାନ୍ତ ଯେ ।
କାନ୍ତ ସଖି, ବଳବଳ କାଳର କବଳେ
ଧରଣୀରେ ପଡ଼ ଷୟ ଲଭନ୍ତି ସକଳେ ଯେ ।
ଜୀବ ପରମ ଏ ବେନି ନଶ୍ୱର ଜଗତ
ତେଜି ପଳାବନ୍ତି ଅନୁସରି ଛିଦ୍ର ପଥ ଯେ ।
ସେହିପରି ଆମ୍ଭ ଏଠି କୁଟୀର ନିର୍ମାଣ
ବିନଷ୍ଟ ହୋଇଲେ ଏଥୁଁ ଯିବା ଅନ୍ୟ ସ୍ଥାନ ଯେ ।
ବୋଇଲେ ସୁମତି ଶୁଣ ଆହେ ପ୍ରାଣକାନ୍ତ
ଅଜ୍ଞାନ ତମିରେ ପଡ଼ି ମୁହିଁ ପଥ ଭ୍ରାନ୍ତ ଯେ ।
ନାରୀ ଯେଣୁ ସ୍ୱାମୀ ସୁଖ ଦର୍ଶନ ପ୍ରୟାସୀ
ନିଜ ସୁଖ ଉପଭୋଗେ ନୁହେ ଅଭିଳାଷୀ ଯେ ।

ସହି ନ ପାରିବି ନାଥ ତବ ଏ କଷଣ
ଅବଶେଷେ କରିବି ମୁଁ ପ୍ରାଣ ବିସର୍ଜନ ଯେ ।
ଶୁଣିବ ଯେବେ ମୋ କଥା ଉପାସ୍ୟକ ଦେବ
ନ ଶୁଣିଲେ ବିବାହିତ ✻ ମୃଗୀ ପ୍ରାୟ ହେବ ଯେ ।
ଶୁଷ୍କ ବଦନରେ କ୍ଷୀଣ ହାସ୍ୟ ରେଖା ଟାଣି
"କହ ଗୋ" ବୋଇଲେ ବିପ୍ର ଶୁଣି ପ୍ରିୟା ବାଣି ଯେ ।
ଅଧୀରେ ଅଧର ଖୋଲି ସୁମଧୁର ଗିରେ
ବିଷାଦେ ଭାଷିଲେ କାନ୍ତେ ସୁମତି ସୁଧୀରେ ଯେ ।
ଦୁଃସହ ଦୁର୍ଦ୍ଦଶା ନାଥ ଦାରିଦ୍ର୍ୟ ଯାତନା
ଦରିଦ୍ରତା ଯୋଗୁଁ ହରେ ମାନବ ଚେତନା ଯେ ।
ଭିକ୍ଷା ଲବ୍ଧ ଧନେ କେତେ ଧରିବା ଜୀବନ
ଗଣ୍ଡୂଷ ଜଳେ କି ହୁଏ ତୃଷା ନିବାରଣ ଯେ ।
ତିମିର ନାଶଇ ଯଥା ଉଇଁ ନିଶାପତି
ସ୍ୱଜନତ୍ୱ ବିତ୍ତେ ତଥା ଦରିଦ୍ର ଦୁର୍ଗତି ଯେ ।
ଯଦୁବଂଶ ଅବତଂସ ଦ୍ୱାରକାଧିପତି
ତୁମ୍ଭରେ ଜଣାଅ ଆମ୍ଭ ସକଳ ଦୁର୍ଗତି ହେ ।
ବାନ୍ଧୁ ପଣେ ଯାଇ ଥରେ ଆସିବ ସଂଖୋଳି
କହିଦେବ ଖୋଲି ହେ ।
ଏକା ଦେଖି ମନ କଥା

✻ ବିବାହିତମୃଗୀ—ଶରାହତ ମୃଗୀ ବିବସରେ ମକ୍ଷିକାମାନଙ୍କ ଦ୍ୱାରା
ଯେଉଁ ଦଶା ଭୋଗ କରେ ।

ତାଙ୍କ ଯୋଗେ ଏକା ଆମ୍ଭ   ଦୁଃଖ ଅନ୍ଧକାର
ଦୁଞ୍ଖବ ହୋଇବ ଲଘୁ   ଚନ୍ଦ୍ରା ଗୁରୁଷର ହେ ।
ଯାଅ ନାଥ ଯେନ ଥରେ   ଦାସୀ ନିବେଦନ
ନିର୍ଗୁଣ କରିବେ ନାହିଁ   ନିକବେ ଜନାର୍ଦ୍ଦନ ହେ ।
ଶ୍ରବଣେ ଏ ବାଣୀ ବିପ୍ର   ବିସ୍ମିତ ନୟନେ
ବୋଇଲେ କଲ୍ୟାଣୀ ଏହା   କହିଲ କେସନେ ଗୋ ।
ଧନେ ଉନ୍ମାଦନା ସଖୀ   ଜ୍ଞାନେ ସୁବିଗୃର
ପଣ୍ଡିତେ ବାଗ୍ମିତା ମୂର୍ଖେ   ଥାଏ ଅହଂକାର ଗୋ ।
କିନ୍ତୁ ଆହା ଦରିଦ୍ରର   ହୃଦୟ ସରଳ
ପୀୟୂଷ ଆଶାରେ ପଡ଼ି   ଲଭେ ସେ ଗରଳ ଗୋ ।
ଅଖିଳ ବ୍ରହ୍ମାଣ୍ଡନାଥ   ଦ୍ୱାରକା ରାଜନ
ଅସମ୍ଭବ ଅଟେ ତାଙ୍କ   ଏକାନ୍ତ ଦର୍ଶନ ଗୋ ।
ଅଷ୍ଟ ପାଟରାଣୀ ଯାଙ୍କ   ଚରଣ କମଳେ
ନିତ୍ୟ ସେବା କରୁଥାନ୍ତି   ସପ୍ରେମ କୁଶଳେ ଗୋ ।
ଆଜ୍ଞା ଯେନ ବ୍ରହ୍ମା ସୃଷ୍ଟି   ସୃଜନ୍ତି ସତ୍ୱର
ଦେବରାଜ ଉପଦେଶ   ପାଳନେ ତତ୍ପର ଗୋ ।
ଯଦୁବଂଶ ଯୋଧଗଣ   ରହିଛନ୍ତି ଘେରି
ଶୁଣିବାକୁ ପ୍ରଭୁ ଆଜ୍ଞା   ସଦା କର୍ଣ୍ଣ ଡେରି ଗୋ ।
ଦୀନ ହୀନ ଅକିଞ୍ଚନ   କହୁ ଏଣେ ତୁହିଁ
କେମନ୍ତେ ପ୍ରବେଶ ହେବ   କହ ପ୍ରାଣ ସହି ଗୋ

ନୀଚ ହୋଇ କଲେ କେହୁ   ଉଚ୍ଚ ଅଭିଳାଷ
ଭାଗ ହୁଏ ଭାଗ୍ୟେ ତାର   ଲଜ୍ଜା ଉପହାସ ଗୋ ।

ସଦସ୍ୟ ସହିତେ ଥିବେ   ଚାରି ମନ୍ତ୍ରୀ ଚୟ
ମୋତେ ଦେଖି ଉପହାସ   କରିବେ ନିଶ୍ଚୟ ଗୋ ।

ଦେଖି ଏ ରହସ୍ୟ ପ୍ରଭୁ   ଶ୍ରୀ ମଧୁସୂଦନ
ଲଜ୍ଜାଭରେ ଅବନତ   କରିବେ ବଦନ ଗୋ ।

କଣ୍ଠ ରୁଦ୍ଧ ହେଲା ବିପ୍ର   ନ ପାରିଲେ ଭାଷି
ଅଧୋଶାୟୀ ହେଲେ ପତ୍ନୀ   ଛାଡ଼ିଲେ ଆଶ୍ୱାସି ଯେ ।

ନ କର ବିଚାର ନାଥ,   ଏ ଛାର କଥାକୁ
ନିତ ନାମ ଜପୁଅଛୁ   ନ ଚିହ୍ନ ତାହାକୁ ହେ ।

ଦରିଦ୍ର ବାନ୍ଧବ ଭକ୍ତ   ଜନ ଚିନ୍ତାମଣି
ଭକ୍ତ ଭାବେ ଭୋଳା ବ୍ରହ୍ମା   ଶିବେ ତୁଚ୍ଛ ମଣି ହେ ।

ନ ଲଭିଲେ କଷଣ ଯେ   ଶ୍ରୀବତ୍ସଲାଞ୍ଛନେ
ଭକ୍ତ ଭରେ ସେବନ୍ତି ସେ   ବ୍ରାହ୍ମଣ ଚରଣେ ହେ ।

ସେ କାହୁଁ ଧରିବେ ନାଥ,   ମାନ ଅପମାନ
ଶତ୍ରୁ ମିତ୍ର ବଡ଼ ସାନ   ଯା ନେତ୍ରେ ସମାନ ହେ ।

ଏତେକ ବୋଲି ସୁମତୀ   ଗୃପନ୍ତ୍ର ଚରଣ
ନିଦ୍ରା ଦେବୀ କୋଳେ ବିପ୍ର   ହେଲେ ଅଚେତନ ଯେ ।

ଚତୁର୍ଥ ଛାନ୍ଦ

(ବିମକେଶୀ ବୃତ୍ତ)

ଚାହି ନାହିଁ, ଅଛି ଶବଶି
ବପ୍ର ଲଭ ଚେତନା
ଶପୁରେନ ଅଛନ୍ତି ସୁମତି
ଦେଖି କଲେ ଭାବନା ।
ନାରୀ ପୁରୁଷର ମିଳନ
ନପୃଭର ନିୟୋଗ
ନାରୀ ସ୍ନେହ ଲଗି ପୁରୁଷେ
ଦୁଃଖ କରନ୍ତି ଭୋଗ ।
ବଭବ ବଳାସ ଲଳସୀ
ପ୍ରିୟା ହୋଇଛି ଯେଣୁ
ବପଦ ବାନ୍ଧବ ନକଟେ
ପ୍ରାଣେ ଚଳବି ତେଣୁ ।
ମିଳୁ ବା ନ ମିଳୁ ସମ୍ପଦ
ମୋତେ ବନ୍ଧୁ ସଦନୁ
ମୁକତ ଲଭବ ମୁଖକୁ
ଗୃହି ଭବ ବନ୍ଧନୁ ।

ନିରୁପମ ରୂପ ନିରେଖି
ପୂତ ହେବ ନୟନ
ଶ୍ରବଣ ସାର୍ଥକ ହୋଇବ
ଶୁଣି ମଧୁ ବଚନ ।
ମୃଦୁ ମୃଦୁ ମଞ୍ଜୁ ଗତିରେ
ଆସୁଁ ମୋର ନିକଟ
ସଖା ସଖା ବୋଲି ମିଳିବ
ଉଲ୍ଲସାଇ ମସ୍ତକ ।
ବାଲ୍ୟ ସଖା ମଣି ଶ୍ରୀକରେ
କଲେ କର ମର୍ଦ୍ଦନ
ଛଡ଼ାଇ ଚରଣ ଛୁଇଁବ
ଯିବ ପାପ ବନ୍ଧନ ।
ଏ ଜିସ ବୋଲନ୍ତେ ସହସା
ନମି ପଦ-ସାରସ
ଜନ୍ମୁଷ ନାଶିବ କ୍ଷଣକେ
ଯଥା ଗିରି ଉରସ ।
କି ପଦାର୍ଥ ନେଇ ଭେଟିବି
ତାଙ୍କ ଚରଣ ତଳେ
କେଉଁ ଦ୍ରବ୍ୟ ଅବା ଦୁର୍ଲ୍ଲଭ
ତାଙ୍କୁ ମହୀ ମଣ୍ଡଳେ ।

ଉଚାଟିତ ହୋଇ ରହିଲେ
ବନ୍ଧୁ ଗୃହ ଗମନେ ।
କୁକ୍‌କୁଟ ଡାକିଲା ଉଠ ହେ
ଉଠ ନଗର ଜନେ ।
ଅଙ୍ଗ ମୋଡ଼ି ଉଠି ସୁମତୀ
ନମି ପତି ପୟରେ
"କି ବିଚାର ନାଥ," ବୋଇଲେ
ଧୀରେ କୋମଳ ସ୍ୱରେ ।
ସୁଦାମା ସଂଶୟ ମନରୁ
କରି ଦେଇ ବାହାର
ଉତ୍ତରିଲେ ପ୍ରିୟ ସଜନୀ,
ଯିବି ବନ୍ଧୁ ଦୁଆର ।
ଅଶନ ବସନ ଭୂଷଣ
ଘରେ କିଛି ତ ନାହିଁ
କିସ ନେଇ ଉଭା ହୋଇବି
ବନ୍ଧୁ ଦୁଆରେ ଯାଇ ।
କି ଆଣିଛ ମିତ ? ବୋଲି ସେ
ଯେବେ କର ପ୍ରସାରି
ମାଗିବେ ମରଣୁ ଅଧିକ
ଲଜ୍ଜା ହେବ ତ ଭାରି ।

ସହି ନ ପାରବି ସଖୀ ଗୋ
ଦୁର୍ବିସହ ବେଦନା
ଭିକ୍ଷା ମାଗି କାଳ କାଟିବା
ମନେ ଆଜ ଭାବ ନା ।

ବିବାହ ହୋଇଲେ ବିଦୁରେ
ରହିଅଛନ୍ତି ବିଦୁର
ବିଦୁରର ପ୍ରାପ୍ତି ଆଶାକୁ
କରିଥାନ୍ତି ବିଦୁର ।

ଶ୍ରବଣେ ସୁମତୀ ହୃଦୟ
ଦୁଃଖେ ହେଲ ପନ୍ଦିତ
କୋରକିତ ଆଶା କଳିକା
କ୍ରମେ ହେଲ ମୁଦ୍ରିତ ।

ସମ୍ଭାଳି ନ ପାର ଅଣ୍ଡାଳି
ହେଲେ ହାଣ୍ଡି କଳସ
ମୁଷ୍ଟିମେୟ ଖୁଦ ତଣ୍ଡୁଳ
ଲଭି ହେଲେ ହରଷ ।

ତଉତରେ ଅଗ୍ନି ସଂଯୋଗି
ସେଦ୍ଧ ତଣ୍ଡୁଳ ଭଜା
ସମର୍ପିଲେ କାନ୍ତ ଶ୍ରୀକରେ
ଏକ ବୁଜୁଲା ସାଜ ।

ନିତ୍ୟ କର୍ମ ସାରି ସୁଦାମା
ଜୀର୍ଣ୍ଣ ଛିନ୍ନ ବସନେ
ବୁଜୁଲା ଲୁଗୁଇ ରଖିଲେ
କକ୍ଷ ତଳେ ଯତନେ ।

ବୋଇଲେ "ସୁଶୀଳେ କଥାଏ
ଏବେ ପଡ଼ିଲା ମନେ
ଘରେ ନାହିଁ ଧନ ଜୀବନ
ବଞ୍ଚାଇବୁ କେମନେ ।

ସୁଦୂର ପ୍ରାନ୍ତର ବନ୍ଧୁର
ମାର୍ଗ ନଦୀ କାନନ
ଅତିକ୍ରମି ପିନା ଭେଟିବ
ଯାଇ ବନ୍ଧୁ ସଦନ ।

ନାଶ୍ୱ ଘଲେ ଥାଉଁ ସିନ୍ଦୂର
ରନ୍ଧୁ ଏକା ସଦନେ
ଅରକ୍ଷିତା ଘବେ ଖେଟିଲେ
କଷ୍ଟ ମାନିବେ ଜନେ ।

ଦୂଷଣ ବହିବ କଷଣ
ହେବ ନାହିଁ ଧୋଡ଼ାଇ
ଦାରିଦ୍ର୍ୟ ଦାରୁଣ ଦୁର୍ଗତି
ସଦା ଥାଏ ଗୋଡ଼ାଇ ।

ଶ୍ରବଣେ ଏ ବାଣୀ ରମଣୀ
କାନ୍ତେ କରି ବନତ
ବୋଇଲେ ନ କର ମୋ ପ୍ଲର
ପାଇଁ ଚିନ୍ତିତ ମତ ।

ଉପବନ ଶୋଭ କୁସୁମ
ତରୁ ମୂଳରେ ନିତ
ଜଳ ଦାନେ ହୋଇ ପୁଷ୍ପିତ
ଜନେ ବଢ଼ାଏ ପ୍ରୀତ ।

ଘନ କାଳ ବନେ କାନନେ
ଫୁଟେ ନାହିଁ କି ଫୁଲ ?
ଅନାଦର ସିନା ଲଭଇ
ରହେ ନାହିଁ ତା ମୂଲ ।

କାନନ କୁସୁମ ସମାନ
ଅଛେ ଗରିବ ଗଣ
ଅଭାବେ ସ୍ୱଭାବ ବନାଶି
ଲଭଥାଏ ଦୁର୍ଗତି ।

ମାନ ଅପମାନ ଭାବନା
ଧନୀ ସମାଜେ ଥାଇ
ଦାରିଦ୍ର୍ୟ ଏ ସବୁ ଦରିଦ୍ର
ହୃଦୁଁ ନିଏ ଛଡ଼ାଇ ।

ବିଳାସର ଉପକରଣ
ପର ଯୁବତୀଗଣେ
ରହିଥାନ୍ତି ଧନ ଅଜ୍ଞାନ
ରାଜସିକ ସଦନେ ।

ଉପବନ ଶୋଭ କୁସୁମ
ସମ ଆନନ ଗୃହ୍ଣଂ
ଅଳୀକ ସୁଖରେ ବିଳସି
ଥାଏ ଚିତ୍ତ ରସାଇ ।

ଇଚ୍ଛରେ ଦେଖିଲେ ଚିତ୍ରରେ
ଭାବି ଯିବ ମହତ
ବିସ୍ତାରିତ କରେ କ୍ଷମତା
ନାରୀ ପରେ ସତତ ।

ନ ବୁଝନ୍ତି କେବେ କରମ
ପଥେ ଚିର ସଙ୍ଗିନୀ
ହେବାକୁ ସ୍ୱାମୀର ବୋଲଏ
ନାରୀ ଅର୍ଦ୍ଧ ଅଙ୍ଗିନୀ ।

ପ୍ରାଣ କାନ୍ତ ବିନେ ନଳିନୀ
ସହି ହିମ କଷଣେ
ପଙ୍କେ ଲେଟି ପ୍ରାଣ ବଞ୍ଚାଏ
ପଛ ଆଶା ପୋଷଣେ ।

ଆଗମନ କରୁଁ ତପନ
ଦେଖି ଅଦ୍ଭୁତ କାଳ
ଅଜ୍ଞାତ ପାପୋର ବିକାଶେ
ଲଭ କାରଣ କାଳ ।
ବରଣ କର ସେ ବରତ
ସହି କର୍ମ ଯାତନା
ରଖିବି ଜୀବନ ଏଥକୁ
ମୋର ନାହିଁ ଭାବନା ।
ଅନାଳାପେ ଛୁଇଁ ଅଳପ
ପ୍ରାଣପ୍ରିୟା ଲପନ
ବିଦାୟ ଦେଲେ ସଦନୁ
ବିପ୍ର ପୋଢ ବଦନ ।
ଦକ୍ଷ ନାସା ରନ୍ଧ୍ରୁଁ ପବନ
ଦକ୍ଷ ପାଦ ବଢ଼ାଇ
କୁଟୀର ଦେହଳୀ ଲଙ୍ଘିଲେ
ହୃଦେ ଗୋବିନ୍ଦ ଧ୍ୟାୟି ।
ଖଣ୍ଡେ ଦୂର ଯାଏ ସୁମତୀ
କଲ ଅନୁଗମନ
ସ୍ୱାମୀ ଆଦେଶରେ କୁଟୀରେ
କଲେ ପ୍ରତ୍ୟାବର୍ତ୍ତନ ।

ଭାନୁଗତେ ଧଣ ଦୁଃଖିତ
ଯଥା ତମ ସଂଗମେ
ହରଷିତ କରେ ଅନ୍ତର
ନିଶାପତି ଆଗମେ ।
ପତି ଗତେ ତଥା ସୁମତି
ଦୁଃଖ ସାଗରେ ଭସି
ଧଇର୍ଯ୍ୟ ତରଙ୍ଗ ବଳରେ
କୂଳେ ଲାଗିଲେ ଆସି ।
ଆନ ନୁହେ କେବେ ନ ହେବ
ଲଲାଟର ଲିଖନ
ଦଇବ କରନ୍ତି ଗରବ
କାରେ ଦେବେ ଦୂଷଣ ।
କରମ ଆଦର ଧରମ
ହୃଦେ ସୁମର ନିତ
ପର କାମେ ପେଟ ପୋଷିଲେ
ମନେ ନ ପାଇ ପ୍ରୀତ ।
ଭକ୍ତ ଅନୁପମ ସୁଦାମ
ପଥେ କରନ୍ତି ଗତ
କୃଷ୍ଣ ଦରଶନେ ମାନସ
ହେଲା ଚଞ୍ଚଳ ଅତ ।

ପଥ ପ୍ରାନ୍ତ-ଶୋଭା ଦର୍ଶନେ
ନେତ୍ର ହେଉଁ ଉଜ୍ଜଳ
ବଗୁର ବଗୁର ବିବେକ
କହେ ସାର ବଚନ ।
ବାୟସ ଦମ୍ପତି ଏକାନ୍ତେ
ବସି ପାଦପେ ସୁଖେ
ଦେଉଥିଲା ଆଣି ଆହାର
ଏକ ଆନର ମୁଖେ ।
ବଣିକୁଳ ଏକ ମେଳରେ
ସୁବିସ୍ତୀର୍ଣ୍ଣ ପ୍ରାନ୍ତରେ
ଖଣ୍ଡି ଉଡ଼ା ଦେଇ ଝିଣ୍ଟିକା
ଧରୁଥିଲେ ଥଣ୍ଟରେ ।
ମଧୁପ ବୃକ୍ଷରେ ଆନନ୍ଦେ
ବସି ଶୁକ ନିକର
ରତ ଥିଲେ ଫଳ ଭୋଜନେ
କରି ମଧୁର ସ୍ୱର ।
କୁହୁକୁହୁ ରବେ କୋକିଳ
ବସି ରସାଳ ଡାଳେ
ଥୋଇଥିଲା ମନ ନୟନ
ନେଇ ପକ୍ୱ ରସାଳେ ।

ବୃକ୍ଷ ଶାଖା-ସନ୍ଧି ମୂଳରେ
ବସା କରିବା ପାଇଁ
ଆଣ୍ଟେ ଠୁକୁଠୁକୁ ଖୋଳଇ
ଥଣ୍ଟେ କାଠ ଚିଣ୍ଡାଇ ।
ବସା ନିର୍ମାଣିବ ବିଗୃହି
ଡାଳ ପତ୍ର ପ୍ରାନ୍ତରେ
ପତ୍ର ସୂତ୍ର ନେଇ ସଂଯୋଗେ
ବାୟୁ ଅଭ ଯନ୍ତ୍ରରେ ।
କହଇ ବିବେକ, ମାନସ !
ହୃଦେ କର ବିଗୃହ
ବାସ ଗ୍ରାସ ବିନା ଜଗତେ
ଏକା ଅଛଇ ସାର ।
ଏଥିପାଇଁ ସିନା ସୁମତି
ହେଲ ସତତ ଦୁଃଖୀ
କୃପା କଲେ କୃପାସାଗର
ନିଶ୍ଚେ ହୋଇବ ସୁଖୀ ।
କହୁଁ କହୁଁ ପଥେ ଗମନ
ହେଲ ମଧ୍ୟ ଦିବସ
ସୁଦାମା ପଶିଲେ ବିପିନେ
କୃଷ୍ଣେ ଚିନ୍ତ ମାନସ ।

କାହିଁ ଲତା କୁଞ୍ଜ ଭିତରେ
ବସି କୋକ ଦମ୍ପତି
ଡାକୁଛନ୍ତି ଦେଖ ପଥିକ
ଆମ୍ଭ ସୁଖ ସମ୍ପତ୍ତି ।
ତରୁ ଶାଖା ପରେ କପୋତ
ବସି କପୋତୀ ସଙ୍ଗେ
ଲଳିତ ସ୍ୱରରେ କୂଜନ୍ତି
ପକ୍ଷ ହଲାଇ ରଙ୍ଗେ ।
କାହିଁ କୃଷ୍ଣ ସାର ଯୁଗଳ
ଆଶ୍ରି ପାଦପ ଛାୟା
ପ୍ରେମେ କରୁଛନ୍ତି ଲେହନ
ଏକ ଆନର କାୟା ।
କାହିଁ ବା ଦଶନ ଲଙ୍ଗଳେ
ଭୂମି ଚଷି ଶୂକର
ଘୁରୁଘୁରୁ ନାଦେ ବୋଲନ୍ତି
ସଦା ଉଦ୍ୟମ କର ।
କୁମ୍ଭାଟୁଆ ଲତା ଗହଳେ
କହେ ହଲାଇ ପୁଚ୍ଛ
ଶାଶ୍ୱତେ ଶତ୍ରୁଙ୍କୁ ସମର୍ପ
ଆଜ ସକଳ ତୁଚ୍ଛ ।

କରାଳ ବଦନ ବିସ୍ତାରି
ଅଜଗର ବୋଲଇ
ଆଶା ପଥେ କଲେ ଗମନ
ପ୍ରାଣୀ କ୍ଲେଶ ଲଭଇ ।
କାହୁଁ ଦଳପତି କହଇ
ବସି ମର୍କଟ ପଲେ
ଭବ ସିନ୍ଧୁ ପାରି ହୋଇବା
ଏକା ଏକତା ବଳେ ।
କାହୁଁ ବା ଭୀଷଣ ଶାର୍ଦ୍ଦୂଳ
କହେ ଗମ୍ଭୀର ନାଦେ
ସାଧ୍ୟାତୀତ କିସ ଜଗତେ
ପରାକ୍ରମ ପ୍ରସାଦେ ।
କାହିଁ ଝିଣ୍ଟିକୋଳି ପାଦପେ
ବସି ଡାକଇ ସାରି
ହରି ନାମ ତରି କରିବ
ଭବ ସରିତ ପାରି ।
ଏ ଦୃଶ୍ୟେ ଏ ଭାବେ ନିମଗ୍ନି
ବିପ୍ର ହରଷେ ଅତି
ଲଙ୍ଘିଲେ ଶ୍ୱାପଦ ସଙ୍କୁଳ
ପଥ ଚିନ୍ତି ଶ୍ରୀପତି ।

ପଞ୍ଚମ ଛାନ୍ଦ

(ବଙ୍ଗଳାଶ୍ରୀ)

ସୁଷମା ସାଗର ଶୁଭ୍ର କଳେବର
ସୁରପୁର ବନାଦୃତ
ଶୋଭା ପାଉଅଛି ଦ୍ୱାରକା ନଗରୀ
ନୀଳସିନ୍ଧୁ ବକ୍ଷେ ସ୍ଥିତ ।
ସୁଗୃହ ରଚିତ ଅଟ୍ଟାଳିକାଚୟ
ଏକୁଁ ଆରେକ ବିଶାଳ
ଅର୍କ ପ୍ରଭା ଜିଣି ତେଜ ପ୍ରକାଶୁଛି
ମସ୍ତକ କଳସମାଳ ।
ଜାମ୍ବୁନଦ ଗତ ପଲ୍ଲବ ମଣ୍ଡିତ
ପ୍ରାସାଦ ତୋରଣ ପରେ
ସ୍ୱର୍ଣ୍ଣ ଚନ୍ଦ୍ର ଚନ୍ଦେ ହୋଇ ସୁଚର୍ଚ୍ଚିତ
ଚପଳ ମାନସ ହରେ ।
ଶତକୋଟିଠାରୁ ଶତ ଗୁଣେ ବଳି
ସୁଦୂର ବେଢ଼ା ପ୍ରାଚୀର
ବୀଚମାଳେ ତାର ଚରଣ ପଖାଳେ
ନିତ୍ୟ ନୀଳାମ୍ବୁ ରୁଚିର ।

ରଜତ ରସାଣେ ରସାଣିତ ଲୌହ
କବାଟ ଦୁଆର ଦେଶେ
ଲଗିଅଛି ସଦା ଆବୋରିଛି ଦ୍ୱାର
ଦ୍ୱାରପାଳ ବାରବେଶେ ।
କମନୀୟ ଶୋଭା ଦେଖି ହୋଇ ଲୋଭା
ସୁବିଶାଳ ଅକୂପାର
ପ୍ରତିବିମ୍ବ ଛଳେ ଗରଭେ ଧରିଛି
ନଗରୀ-ଶୋଭା ଭଣ୍ଡାର ।
ପ୍ରଭାତ ଡଗର ସ୍ୱର୍ଣ୍ଣଚୂଡ଼ ସ୍ୱର
ଶୁଣାଯାଏ ନାହିଁ କର୍ଣ୍ଣେ
ପ୍ରାସାଦ ଶିଖର ଆବୋରି ମୟୂର
ଉଦ୍‌ଗ୍ରୀବେ ଶୁଣାଏ ଜନେ ।
ସାରିକା ପଠନ କୋକିଳ କୂଜନ
ଶ୍ରବଣେ ନଗରବାସୀ
ଉଷାଗମ ଜାଣି ଚେତନ୍ତି ସୁପାତ୍ତ
ଚତ୍ତେ ଚନ୍ତ୍ର ବ୍ରହ୍ମରାଶି ।
ଗର୍ବ ପର୍ବତକୁ ସାଗରେ ବୁଡ଼ାଇ
ସକଳେ ଅହିଂସାବାଦୀ
ସାନେ ସ୍ନେହ ବଡ଼େ ଭକତ ଦେଖାଇ
କର୍ମ ଯାଉଛନ୍ତି ସାଧି ।

ଧୀରୋଦାତ୍ତ ଧୀର   ପ୍ରଶାନ୍ତ ଧାର୍ମିକ
ସର୍ବକାର୍ଯ୍ୟେ ଧୁରନ୍ଧର
କନ୍ଦର୍ପ ସୁନ୍ଦର   ତନୁକାନ୍ତି ସଦା
* ମିତ୍ରପୁତ୍ରେ ନାହିଁ ଡର ।
ଏକାତ୍ମିକ ନୀତି   ଅଟଳ ପ୍ରତିଜ୍ଞା
ନିତ୍ୟ ଶାନ୍ତି ମୈତ୍ରୀ ସେତୁ
ହୃଦରାଜ୍ୟ ବାନ୍ଧି   ଉଡ଼ାଇଅଛନ୍ତି
ଜଗତେ ବିଜୟ କେତୁ ।

ପ୍ରପାଳିତ ପଶୁ   ବ୍ୟବହାରେ ଚିତ୍ତ
ବିସ୍ମୟ ଲଭଇ ଅତି
ଉନ୍ନତ ମସ୍ତକ   ଅଶ୍ୱେ ଦେଖି ଗଜ
ମଥା ପୋତି କରେ ଗତି ।
ସ୍ୱଭାବ ପାସୋରି   ଛାଡି ପ୍ରତି ଶ୍ୱାନ
ଦେଖାଏ ପଣ ଉଦାର
ହିଂସା ମନୋଭାବ   ତେଜି କ୍ରୀଡ଼ାରତ
ମୂଷିକ ସଙ୍ଗେ ମାର୍ଜାର ।
ଅବିଶ୍ରାନ୍ତ ପଥ   ଗମି ହେଲେ କ୍ଳାନ୍ତ
ଦ୍ୱାରକା ଅଦୂରବର୍ତ୍ତୀ
ନଗର ସୁଗୃହ   ଶୋଭା ଦରଶନେ
ଆନନ୍ଦ ଲଭିଲେ ଅତି ।

* ମିତ୍ରପୁତ୍ର—ଯମ ।

ବର୍ତ୍ତିରଲେ ମନେ ବରୁଣ ସଞ୍ଚିତ
ବିବିଧ ରତନ ରାଶି
ଶିରବର୍ଦ୍ଧକୃତ ଧରିଅଛି ଏଥେ
ସିନ୍ଧୁକଲେ ଭସି ଆସି ?
ସଖା ଆଗମନ ଜାଣି ନାରାୟଣ
ମାନସ ପରୀକ୍ଷା ଅର୍ଥେ
କୋଟି ବ୍ରହ୍ମାଣ୍ଡର ରତନ ଭଣ୍ଡାର
ରଖିଛନ୍ତି କିବା ପଥେ ।
ଗରିବ ହେଲେହେଁ ପର ଦରବରେ
ବଳିବ ନାହିଁ ମୋ ଚିତ୍ତ
ହସ୍ତ ତୋଳି ଯେବେ ନ ଦେବେ ଶ୍ରୀପତି
କେମନ୍ତେ ନେବି ତାଙ୍କ ବିତ୍ତ ।
ନବ ନବ ଚିନ୍ତା ଧରି ଗଡ଼ଦ୍ୱାର
ନିକଟେ ହେଲେ ପ୍ରବେଶ
ଜନ୍ମର ମାତଙ୍ଗ ପରସ୍ପ ଦୁଆରି
ଆବୋରିଛି ଦ୍ୱାରଦେଶ ।
ଦେଖି ଥର ଥର ଥରଗଲା ତନୁ
ହୃଦୟ ହେଲା କମ୍ପିତ
ସଖା ଦରଶନ ଆଶା ଦୂର କରି
ମାନସ ହେଲା ଶଙ୍କିତ ।

କିନ୍ତୁ ଆଜ୍ଞା ବିପ୍ରେ ଦେଖି ଦ୍ୱାରପାଳ
ପ୍ରଣମିଲ ଭକ୍ତିଭରେ
ଆଗମନ ବାର୍ତ୍ତା ଜିଜ୍ଞାସିଲ ଧୀରେ
ସବିନୟ ଯୁକ୍ତ କରେ ।
କର ତୋଳି ବିପ୍ର ଆଶିଷ ପ୍ରଦାନି
ଶାନ୍ତ ଲଭିଲେ କିଞ୍ଚିତ
ଦୀପ୍ତ ହେଲ ପୁଣି ଆଶାଦୀପ ତାଙ୍କ
ହେଉଁ ହେଉଁ ନିର୍ବାପିତ ।
ପଚାରିଲେ ହୋଇ ଦ୍ୱାରୀ ସନ୍ନିକଟ
ଧୀର କୋମଳ ବଚନେ
ଦ୍ୱାରକାଧିପତି ଚରଣ ଦର୍ଶନ
ସମ୍ଭବ କି ଅକିଞ୍ଚନେ ?
ଭୁରୁ ସଙ୍ଗେ ମୁଖ ଊର୍ଦ୍ଧ୍ୱେ ଟେକି ଦ୍ୱାରୀ
ଉତ୍ତରେ ବିପ୍ରେ ଅନାଇ
ଦ୍ୱାରକା ମଣ୍ଡନ ଦର୍ଶନାଭିଳାଷୀ
ଆଶା କେବେ ଭାଙ୍ଗି ନାହିଁ ।
ଜିଜ୍ଞାସିଲେ ଦ୍ୱିଜ ପୁଣି ସେ ରକ୍ଷକେ
ସନ୍ଦେହ ହେବାରୁ ମନେ
ରାଜ ସିଂହଦ୍ୱାର ଆବୋରି ଥିବେଟି
ଅନ୍ୟ ଦ୍ୱାରପାଳଗଣେ ।

କହି ପାରିବ କି   ସୁଖୀ ହେବେ କେହୁ
କେଉଁପରି ବ୍ୟବହାରେ
ରାଜସେବକଗଣ   ବଡ଼ ନିଦାରୁଣ
ହୋଇଥାନ୍ତି ସବୁଠାରେ ।
ଶୁଣିଅଛୁ କର୍ଣ୍ଣେ   ଦେଖିନାହୁଁ ନେତ୍ରେ
ରାଜସେବକ ନିର୍ଦ୍ଦୟ
ମାନବ ହେଲେ ହେଁ   ନ ଥାଏ ତାଙ୍କର
ମାନବ ଯୋଗ୍ୟ ହୃଦୟ ।
ପରସ୍ୱାର୍ଥ ପଥେ   କଣ୍ଟା ପୋତି ନିଜ
ସ୍ୱାର୍ଥ କରିଥାନ୍ତି ସାର
ପରହିତ ଲାଗି   ହୁଅନ୍ତି କୁଣ୍ଠିତ
ନ ଥାଏ ସାଧୁ ବିଚାର ।
ଅଳପ କାର୍ଯ୍ୟରେ   ଅର୍ଥପ୍ରାପ୍ତି ଆଶା
ସଦା ପୋଷିଥାନ୍ତି ମନେ
ଗରିବେ ଗରଳ   ଦେଉଥାନ୍ତି ନିତି
କ୍ରୀତ ଥାଇ ଧନୀ ଧନେ ।
ଶ୍ରବଣେ ଏ ବାଣୀ   ଉତ୍କଳ ରକ୍ଷୀ
ଶୁଣିଅଛୁ କର୍ଣ୍ଣେ ଯାହା
ସତ୍ୟ ହୋଇପାରେ   ଅନ୍ୟ ସ୍ଥାନେ କିନ୍ତୁ
ଅସମ୍ଭବ ଏଥି ତାହା ।

ପ୍ରଜା କର୍ମଚାରୀ ନିଷ୍ଠାପୂର୍ବରେ ସଦା
ରାଜା ହୋଇଥାନ୍ତି ତୁଷ୍ଟ
ଖାଦ୍ୟ-ଖାଦକର ପ୍ରୀତି ନ ରହିଲେ
ଶରୀର ହୁଏ କି ପୁଷ୍ଟ ।
ରାଜ ଦୁର୍ଗତିରେ ରାଜ କର୍ମଚାରୀ
ହୋଇଥାନ୍ତି ପଥଭ୍ରଷ୍ଟ
ଅନଳ ଶିଖାରୁ ବାହାର କଣିକା
କରେ ଯଥା ସର୍ବନଷ୍ଟ !
ଉଚ୍ଚ ପଦଧାରୀ ନିମ୍ନ କର୍ମଚାରୀ
ଯୋଗେ ହୋଇ ପ୍ରତାରିତ
ହୋଇଥାନ୍ତି କ୍ରମେ ବିଶ୍ୱର ବିମୂଢ଼
ଜନେ ଅପ୍ରିୟ ନିନ୍ଦିତ ।
ପରଜା ପାଳନ ଧରମ ଧାରକ
ରାଜନୀତି ବିଶାରଦ
ସୁନୀତି ସେବକ ଅରି ବିମର୍ଦ୍ଦକ
ଶରଣ ଜନ ସୁଖଦ ।
ଜୀବନ ଯାହାଙ୍କ ଅକଳଙ୍କ ସଦା
ଦୀନଜନ-ସହାୟକ
ଦୟା କ୍ଷମାଶୀଳ ଦ୍ୱାରକାମଣ୍ଡନ
ପୁରେ ନାହାଁନ୍ତି ଭଲେ ଦକ ।

ଅନାଥ ଅତିଥି ଦେବତା ବ୍ରାହ୍ମଣେ
ଦୁଆର ସଦା ମୁକତ
ନ ବିଚାରି ଆନ ଚଳି ହେ ବ୍ରାହ୍ମଣ
ଧରି ରାଜପୁର ପଥ ।
ଉଦ୍‌ବେଳିତ ହେଲ ଆନନ୍ଦ ଲହରୀ
ଦ୍ୱିଜବର ହୃଦ-ସରେ
କୃଷ୍ଣ ଦରଶନ ପିପାସା ବଢ଼ିଲ
ଶୁଦ୍ଧ ସାତ୍ତ୍ୱିକ ଅନ୍ତରେ ।
ଉପମା ରହିତ ଶୋଭୀ ରାଜପଥ
ଦରଶନେ ବିପ୍ରଚିତ୍ତ
ରୁକ୍ଷ ପଦ ଚିହ୍ନ ହେବାରୁ ପତିତ
ହେଉଥିଲା ସଙ୍କୁଚିତ ।
କରୁ କରୁ ଗତି ଆନନ୍ଦିତ ମତି
ଅଧିକୁ ଅଧିକତର
କୃଷ୍ଣ ଚିନ୍ତା ସଙ୍ଗେ କୃଷ୍ଣ ପ୍ରେମ ସୁଖ
ଲଭୁଥିଲା ଅଭ୍ୟନ୍ତର ।
ଅମିତ ତେଜସ୍ୱୀ ପୁର ଦ୍ୱାରପାଳ
ଦରଶନେ ବିପ୍ରମନ
ଭୀତି ଲଭୁଥିଲା ପ୍ରୀତ ହେଲା ଶୁଣି
ସରଳ ମୃଦୁବଚନ ।

ଷଷ୍ଠ ଛାନ୍ଦ

ବୃତ୍ତ—ଚତୁର୍ଦ୍ଦଶାକ୍ଷରୀ

ପୁଣ୍ୟପ୍ରଭା ବିମଣ୍ଡିତ ନ୍ୟାୟର ଆଳୟ
ସଭେ ମହିମା ଦ୍ୱାରକା ରାଜ କାର୍ଯ୍ୟାଳୟ ।
ସ୍ୱୟଂ ସୃଷ୍ଟିପତି କୃଷ୍ଣ ରାଜ ଦଣ୍ଡଧର
ଦେବରାଜ ଇନ୍ଦ୍ର ଯାଙ୍କ ପୟର କିଙ୍କର ।
ନବୀନ ନୀରଦ ତନୁ ଉଦାର ମୂରତି
ହାସ୍ୟ ବିମଣ୍ଡିତ ଆସ୍ୟ ଆମ୍ଭଙ୍କ ସୁମତି ।
ଅନୁଗତ ରାଜଗଣ ମଧ୍ୟେ ଯଦୁପତି
ଦିଶେ ଯଥା ତାରକିତ ନଭେ ନିଶାପତି ।
ରାଜକର୍ମଚାରୀ ଯୋଗେ ରାଜ୍ୟର ବିଧାନ
ସମାହିତ ହେଉଅଛି ରାଜକାର୍ଯ୍ୟମାନ ।
ବାଦୀ ପ୍ରତିବାଦୀ କେତେ ହୋଇଛନ୍ତି ଠୁଳ
କରନ୍ତି ନ୍ୟାୟ-ବିଚାର ଦେଇ ସତ୍ୟମୂଳ ।
ମିଥ୍ୟା ଅହଙ୍କାର ସ୍ୱାର୍ଥ ତୋଷାମଦୀ ନୀତି
ଚଳବନ୍ତି ନ୍ୟାୟ ଯୋଗେ ମନେ ପାଇ ଭୀତି ।
ବାର୍ତ୍ତାବହେ ନାନା ଦେଶ ବିଦେଶ-ଆଗତ
ବାର୍ତ୍ତାମାନ ହେଉଅଛି ନୃପ କର୍ଣ୍ଣଗତ ।
ସହସା କାହିଁକି କୃଷ୍ଣ ହୋଇ ଅନ୍ୟ ଚିତ୍ତ
ଆଦେଶିଲେ ରାଜକାର୍ଯ୍ୟ ହେବାକୁ ସ୍ଥଗିତ ।

ନିବର୍ତ୍ତିଲେ ରାଜକାର୍ଯ୍ୟୁଁ କର୍ମଚାରୀଗଣ
ଅନ୍ୟ ରାଜାମାନେ କଲେ ସ୍ୱପୁରେ ଗମନ ।
ବିଶ୍ରାମ ଭବନେ ଯାଇ ବସିଲେ ଯଦୁପତି
ନିକଟେ ମିଳିଲେ ଆସି ପୁରାଙ୍ଗନା ପନ୍ତୀ
ରୁକ୍ମଣୀ ସଙ୍ଗତେ ଅଷ୍ଟମହିଷୀ ସକଳ
କେ କରେ ବ୍ୟଜନ କେହୁ ସିଞ୍ଚେ ବାସଜଳ ।
ସେବାତ ନୋହିଲେ ପ୍ରଭୁ ହୋଇ ତରତର
ବୋଇଲେ "ଗୋ ସଖୀ ମିତ ଆସନ୍ତୁ ମୋହର ।
ଆହା କେତେ କଷ୍ଟ ପାଇଲେଣି ସଖା ମୋଟି
ଥାଅ ସଖୀ ଯାଉଛି ମୁଁ ଆଣିବ ପାଛୋଟି ।
ଲଳିତ କୋମଳ ସ୍ୱରେ ଭୀଷ୍ମକ ଦୁଲାଳୀ
ବୋଇଲେ କି ଛଳ କର ଯାଅ ବନମାଳୀ ।
ଛଳନା ପୂରିତ ବାକ୍ୟ ସତତ ତୁମ୍ଭର
ଏଣୁ ବୋଲାଇଛ ଗୋପେ ଛଇଳ ନାଗର ।
ସରଳ ତରଳ ମତି ଅବଳା ଯୁବତୀ
ନିକଟେ କି ଛନ୍ଦ କଥା ଶୋଭେ ଯଦୁପତି ।
ସଖା ତବ ଅର୍ଜୁନ ତୃତୀୟ ପାଣ୍ଡବ
ଏକାକୀ ଯେ ଦହିଥିଲେ ବାସବ-ଖାଣ୍ଡବ ।
ଦ୍ୱାରକା ଶୁଭଗମନେ ତାଙ୍କ କି ଯାତନା
କାହେ ପାଛୋଟିବ ସତ କହ ମହାମନା ।
ନତୁ ମନେ ଡରିଲେ କି ଦ୍ରୁପଦ ଦୁଲଣୀ
ସେ ପରା ଅଟନ୍ତି ତବ ଭକତ ଅଗ୍ରଣୀ ।

ବୋଇଲେ ଶ୍ରୀହରି ଆଗୋ ରୁହୁ ପଦ୍ମାନନେ
ଅଥୟ ହେଲଣି ଚତ୍ତ ସଖା ଆଗମନେ ।
ନୁହନ୍ତି ସେ ଅର୍ଜୁନ ବା ଧରମ ନନ୍ଦନ
ମହା ମିତ୍ର ଅଟନ୍ତି ମୋ ସୁଦାମା ବ୍ରାହ୍ମଣ ।
ମିତ୍ର ପୂଜା ଅର୍ଥେ ସଜ କର ଅର୍ଘ୍ୟଥାଳୀ
ପାଛୋଟି ଆଣିବ ବୋଲି ଗଲେ ବନମାଳୀ ।
ବତ୍ସାଠାରେ ଚତ୍ତ ରଖି ଗୋଷ୍ଠୁଁ ଧାଇଁଧାଇଁ
ସନ୍ଧ୍ୟାକାଳେ ଆସେ ଯଥା ଦୁଗ୍ଧବତୀ ଗାଈ ।
ଭକ୍ତ ପ୍ରେମଡୋରେ ବନ୍ଧା ଭକ୍ତ ପ୍ରାଣ ଧନ
ସିଂହଦ୍ୱାରେ ପ୍ରବେଶିଲେ ଆସି ତତକ୍ଷଣ ।
ଶଙ୍କିତ ମନେ ସୁଦାମା ସତୃଷ୍ଣ ନୟନେ
ଉଭା ହୋଇ ରୁହୁଁଥିଲେ ନବର ଅୟନେ ।
ସଖା ସଖା ବୋଲି କୃଷ୍ଣ ତୋଳି ବେନି କର
ଆଲିଙ୍ଗିଲେ ଯାଇ ବେଗେ ମିତ୍ର କଳେବର ।
ଆହା ମିତ୍ର ଏତେ ଦିନେ ପଡ଼ିଲି କି ମନେ
ଭୁଲି ଯାଇଥିଲ ପଡ଼ି ସଂସାର ବନ୍ଧନେ ?
କ୍ଷୀଣସ୍ରୋତା ଶୁଷ୍କତର ବକ୍ଷେ ପାରାବାର
ଲମ୍ବାଇ କି ଦେଲା ମୋଦେ ନୀଳ ଊର୍ମିହାର ?
ନୀରସ ଉରସ ଗିରି ନିଦାଘ କାଳରେ
ଆଲିଙ୍ଗିତ ହେଲ ଅବା ଜଳଦମାଳରେ ।
ଶୁଭ୍ର ଭଗୀରଥୀ ପୁଣ୍ୟ ସଲିଳ ସ୍ରୋତରେ
ଯମୁନା କି ମିଶିଗଲ ପ୍ରୟାଗ କ୍ଷେତ୍ରରେ ।

ସେହି ରୂପେ ବିପ୍ର ହେଲେ ପ୍ରେମେ ଆଲିଙ୍ଗିତ
କୃଷ୍ଣ କର ଲାଗି ଅଙ୍ଗ ହେଲା ପୁଲକିତ ।
ଆଗମନ କାଳେ ଆନ ଯାହା ଥିଲେ ଭାବି
ଭୁଲିଲେ ସମସ୍ତ ନେତ୍ର ହେଲା ନୀରସ୍ରାବୀ ।
କୃଷ୍ଣ ଦରଶନେ ହୃଦ ସର ତରଙ୍ଗିତ —
ହେଉଥିଲା, ଆଲିଙ୍ଗନେ ହୋଇଲା ଶମିତ ।
କୁଶଳ ବାରତା ପୁଚ୍ଛି ମିତ୍ର କର ଧରି
ଧୀରେ ଧୀରେ ପୁର ମଧ୍ୟେ ପ୍ରବେଶିଲେ ହରି ।
କୃଷ୍ଣ ପ୍ରତିବିମ୍ବ ଏକା ଭକ୍ତ ହୃଦେ ଥାଇ
ତହିଁ ଦେଖାଗଲେ ଅନ୍ତର୍ଯ୍ୟାମୀ ଭବତ୍ରାମ୍ନୀ ।
ମିତ୍ରଙ୍କୁ ମଣିଖଚିତ ରତ୍ନ ସିଂହାସନେ
ବସିବାକୁ ନିବେଦିଲେ ଆନନ୍ଦିତ ମନେ ।
ନାହିଁ ନାହିଁ କହି ବିପ୍ର ହେଲେ ସଙ୍କୁଚିତ
ବଳେ ବସାଇଲେ କୃଷ୍ଣ ଜାଣି ମିତ୍ର ଚିତ୍ତ ।
ରୁକ୍ମିଣୀଙ୍କି ସମ୍ଭାଷିଲେ ହରଷ ଅନ୍ତରେ
ଅଭ୍ୟର୍ଥନା କରିବାକୁ ଆସି ମିତ୍ରବରେ ।
ଶୁଣି ମନ୍ଦିରୁଁ ବାହାର ହୋଇଲେ ରୁକ୍ମିଣୀ
ପଦରେ ନୂପୁର ନାଦ କରେ କିଣିକିଣି ।
କଟୀତଟେ ଯମ୍ବୁନଦ ମେଖଳେ ଖଚିତ
ମାଣିକ୍ୟ ମାଳିକା ଶୋଭା ଉପମା ରହିତ ।
କରେ କନକ ବଳୟ ବିଦ୍ରୁମ ଜଡ଼ିତ
କରେ ତରୁଣ ଅରୁଣ ପ୍ରଭା ପ୍ରକାଶିତ ।

ସ୍ୱର୍ଣ୍ଣପୁଷ୍ପ ଖଚୁ ହୀରଖଣ୍ଡ ଚନ୍ଦ୍ରକାନ୍ତ
ଦୋଳଇ ଶ୍ରବଣ ତଟେ ପ୍ରକାଶି ସୁକାନ୍ତ ।
ସୀମନ୍ତ ପ୍ରାନ୍ତେ ଶୋଭଇ ଇନ୍ଦ୍ର ନୀଳମଣି
ଅର୍କ ପ୍ରଭା ଝନୀଧନ ଗୃହୁ ମଥାମଣି ।
ନୀଳମେଘୀ ପାଟଶାଢ଼ୀ ଅଙ୍ଗେ ପାଏ ଶୋଭା
ଜଗତଜନନୀ ଲକ୍ଷ୍ମୀ ଜନନେତ୍ର ଲୋଭା ।
ଲଜ୍ଜା ଲଜ ହୋଇ କରେ ଘେନି ଅର୍ଘ୍ୟଥାଳି
ଆସି ହେଲାରୁ ଘେନିଲେ ହରଷେ ବନମାଳୀ ।
ପାଦ୍ୟ ଅର୍ଘ୍ୟ ଘେନି ପ୍ରଭୁ ସିଂହାସନୁଁ ଠେଲେ—
ଛଟକେ କର ରୁକ୍ମିଣୀଙ୍କି ବୋଇଲେ କୋମଳେ ।
ଘଟିଛି ଭାଗ୍ୟରେ ସଖୀ ମିତ୍ର ସେବା ଯୋଗ
ପୂଜା କର ଲଭିବା ଟିଗୋ ସ୍ୱର୍ଗସୁଖ ଭୋଗ ।
ଏହା କହୁ ମଇତ୍ରଙ୍କ ଧରନ୍ତେ ଚରଣ
ନାହିଁ ନାହିଁ କହୁ ବିପ୍ର କଲେ ନିବାରଣ ।
ମୟୂର ପୂଜିଛି କାହିଁ ଚଟକକୁ କେବେ
ଦେଖିଛୁ କି ପ୍ରଭୁ ତାହା କରୁଅଛୁ ଏବେ ।
ଅନୁଦାସ ପ୍ରତି କୃପା କର ଏତେ ବ୍ୟଙ୍ଗ
କେବେ କି ଗଲଟି ତବ ବାଳକ ପ୍ରସଙ୍ଗ ।
ବୋଇଲେ ଶ୍ରୀହରି ମିତ୍ର ହେଉ ନାହିଁ ବ୍ୟଥା
ପାସୋରି ଦେଲ କି ବନ୍ଧୁ ଗୁରୁ ଗୃହ କଥା ?
ଇଷ୍ଟ ମିତ୍ର ଜ୍ଞାତି ସହୋଦର ଯେ ଭୁଲଇ
ବିକୃତ ଶବଦକାରୀ ହେବା ତାକୁ କହି ।

କାହ୍ନୁ ଆଦରଣେ ହେଲ ଆତ୍ମ ସମର୍ପଣ
ଏଣୁ ସମର୍ପଣେ କର ଆତିଥ୍ୟ ଗ୍ରହଣ ।
ଛତ୍ର ଉପାନହ ନାହିଁ ସ୍ୟନ୍ଦନ ବାହନ
ସୁଦୂର ବନ୍ଧୁର ମାର୍ଗେ ତବ ଆଗମନ ।
ପୀଡ଼ୁଥିବ ପାଦ କହି କର ନିବେଦନ —
କରି ଚରଣରେ ହରି କଲେ ଆଶ୍ୱାସନ ।
ରାଜ ଉପଗୃହରେ ପ୍ରଭୁ ନିଜେ କଲେ ସେବା
ବ୍ରହ୍ମାଣ୍ଡ କରତା ତାଙ୍କୁ କି ଉପମା ଦେବା ।
କାନ୍ତିଜଡ଼ିତ ଦର୍ପଣେ ବିପ୍ର ଦେଖିଲେ ଗୃହିଁ
ପ୍ରତିବିମ୍ବିତ ହେଉଛି ନିଜ ରୂପ ଯାଇ ।
ମନେ ବିଚାରିଲେ ଆହା କି କଥା ଘଟିଲ
ସିଂହଠାରୁ ଶାଖା ମୃଗ ଅର୍ଚ୍ଚନା ଘେନିଲ ।
ଅବନତ ମୁଖେ ଶୀଘ୍ର ନେଇ ଦେଲେ ଯୁକ୍ତି
କି କହିବେ କି କରିବେ ନ ପାରିଲେ ବୁଝି ।
ସଲଜ୍ଜ ସଙ୍କୋଚେ ତହିଁ ପୁତ୍ତଳିକା ମତେ
ଘେନିଲେ ଅର୍ଚ୍ଚନା ଲକ୍ଷ୍ମୀ ନାରାୟଣ ହସ୍ତେ ।
ନ ଆସେ ବଚନ ଲାଜେ ନ ଟେକନ୍ତି ମଥା
କର ପରଶନେ ଯେସନେ ଲଜକୁଳୀ ଲତା ।
କର୍ପୂର ଚନ୍ଦନ ଅଙ୍ଗେ ହେଉଁ ବିଲେପିତ
ବିପ୍ର ବାମ କର ହେଲ ଅଳ୍ପ ଉତ୍ତୋଳିତ ।
ସଯତ୍ନ ରକ୍ଷିତ ଭଙ୍ଗା ଖୁଦ ଗଣ୍ଠି ଖସି
ଯିବାରୁ ଗୋବିନ୍ଦ ତାହା ଘେନି ହସିହସି ।

ବୋଇଲେ ଏ କିସ ମିତ୍ର ନ ଦିଅ ଆମ୍ଭଙ୍କୁ
ଦେବାକୁ କି ଭକ୍ତି ନାହିଁ ମିତାଣୀ ତୁମ୍ଭଙ୍କୁ ?
ଉତ୍ତରବେ କିସ ବିପ୍ର ନ ପାରିଲେ ଶାନ୍ତ
ଲଜ୍ଜା-ଭୟ-ପ୍ରେମ-ଭକ୍ତି-ଜଳେ ଗଲେ ଭ୍ରାନ୍ତ ।
ପ୍ରେମ ଭକ୍ତି ସିକ୍ତ ଜାଣି ଭକତର ଚିତ୍ତ
ହର୍ଷେ ଖୁଦଭଜା ପ୍ରଭୁ ଭୁଞ୍ଜିଲେ ଉଚିତ ।
ମୁଷ୍ଟି ଏକ ନେଇ ଆର ମୁଷ୍ଟି ବଢ଼ାଇଲେ
ଏ କିସ ବୋଲି ରୁକ୍ମିଣୀ ଶ୍ରୀହସ୍ତ ଧଇଲେ ।
ମିତାଣୀ ସ୍ୱହସ୍ତ ଖୁଦଭଜା ଆମ୍ଭ ପାଇଁ
ଦେବ ନାହିଁ ? ବୋଲି ନେଲେ ଶ୍ରୀକରୁଁ ଛଡ଼ାଇ ।
ତତ୍ପରେ କାଳିନ୍ଦୀ, ସତ୍ୟଭାମା, ନାଗ୍ନଜିତୀ,
ସୁଲକ୍ଷଣା, ମିତାନନ୍ଦା ଜାମ୍ବବଦୁହିତା ।
ଅନ୍ତଃପୁର ନିବାସିନୀ ମହିଷୀ ସକଳ
ସଭିରେ ମିଳିଲେ ତହିଁ ଲଭି କୌତୂହଳ ।
ନିର୍ମାଲ୍ୟ ସମ ଭୁଞ୍ଜିଲେ ପାଥେୟୁ ଛଡ଼ାଇ
ବ୍ରହ୍ମାନନ୍ଦ ସାଗରେ ମାନସ ବୁଡ଼ାଇ ।
ଏ କିସ ପଦାର୍ଥ କିଏ ଏହି ଦ୍ୱିଜପତି
ଜାଣିବାକୁ ସର୍ବେ ହେଲେ ଉତ୍କଣ୍ଠିତ ମତି ।
ଜାଣି ତାହା ସମସ୍ତଙ୍କୁ ଗୋଟି ଗୋଟି କରି
ନିକଟକୁ ଡାକି ତହୁଁ ବୋଇଲେ ଶ୍ରୀହରି ।
ଦେଖ ରାଣୀଗଣ ନବ ଆଗତ ମହାତ୍ମା
ପିଣ୍ଡ ବେନି ଆମ୍ଭ କିନ୍ତୁ ଅଟେ ଏକ ଆତ୍ମା ।

ଅବନ୍ତୀନଗରେ ସାନ୍ଦୀପନି ଗୁରୁଥିଲେ
ବିଦ୍ୟାସାଥୀ ଅନୁରୂପେ ଥିଲୁଁ ବାଲ୍ୟକାଳେ ।
ଦିନେ ଗୁରୁ ଆଦେଶିଲେ କାଷ୍ଠ ଆହରଣେ
ସଙ୍ଗ ସୁହୃଦ ଏକ ମେଳେ ଯିବା ପାଇଁ ବନେ ।
କାନନେ ପ୍ରବେଶି କାଷ୍ଠ କରୁଁ ଆହରଣ
ଅକାଳ ଜଳଦ କାହୁଁ ଘୋଟିଲା ଗଗନ ।
ତମିର, ସମୀର, ନୀର ହୋଇ ସମ୍ମିଳିତ
ପ୍ରବେଶୁଁ ସକଳ ଗୃହ ହୋଇଲୁଁ ବ୍ୟଥିତ ।
କେ କେଣେ ପଳାଇ କଷ୍ଟେ ରଖିଲେ ଜୀବନ
ଏକ ତରୁମୂଳେ ଥିଲୁଁ ଆମ୍ଭେ ଦୁଇ ଜଣ ।
ଶୀତ ବାତାଘାତେ ତନୁ ହେଲା ଥରଥର
ଆବୋରି ବସିଲୁଁ ପରସ୍ପର କଳେବର ।
ପଚାରିଲି ସଖା କିସ ଅଟେ ତୁମ୍ଭ ନାମ
ପ୍ରତିବାକ୍ୟ ପ୍ରଦାନିଲେ ନାମ ତାଙ୍କ ଦାମ ।
ଦେବନଙ୍କ ମଧ୍ୟରେ ହେଲା ମୈତ୍ରୀ ସଂସ୍ଥାପନ
ଇତର ନ ମଣ ମିତ୍ର ଅଟନ୍ତି ବ୍ରାହ୍ମଣ ।
ଶ୍ରବଣେ ଆନନ୍ଦ ଲଭି ସକଳ ସୁହୃଦ
ମିତ୍ରପଦେ ପ୍ରଣମିଲେ ସୁନୀତି ଆଚରି ।
ଗତ ଆଗତ କଥନେ ହେଲେ ବାସାନ୍ତର
ଭୋଜନାନ୍ତେ ବିଶ୍ରମିଲେ ପର୍ଯ୍ୟଙ୍କ ଉପର ।
ବିବିଧ ଭୂଷଣ ଚିତ୍ର ଉପମା ରହିତ
ଅନାଇ ବସ୍ତୁଚୟେ ମଗ୍ନ ଥିଲା ବିପ୍ର ଚିତ୍ତ ।

ଏକତ୍ର ସ୍ନାନ ଭୋଜନ ଏକତ୍ରାଧିଷ୍ଠାନ
ହାସ ପରିହାସ ଯେତେ ଗତ କଥାମାନ ।
ସ୍ମରଣେ ଅତୀତ ହେଲ ତୃତୀୟ ଦିବସ
ତଥାପି ଅତୃପ୍ତ ବେନି ମିତଙ୍କ ମାନସ ।

ସପ୍ତମ ଛାନ୍ଦ

(ବଙ୍ଗଳାଶ୍ରୀ ବୃତ୍ତ)

ତୃତୀୟ ଦିବସ ନିଶା ହେଲା ଶେଷ
ଦିବାମୁଖୀ ହେଲା ଧରା
ଦିଗଙ୍ଗନାଗଣ ଅସିତ ବସନ
ତେଜି ହେଲେ ଶୁକ୍ଳାମ୍ବରା ।
ଅରୁଣ ବସନା ପ୍ରାଚୀ ଅଙ୍ଗନା
ପ୍ରକାଶୁଁ ନବୀନ କାନ୍ତ
ଚକ୍ରେ ଗ୍ରହରାଜ ରଥାଙ୍ଗ ସମାଜ
ଜାଣି ଚିତ୍ତ କଲେ ଶାନ୍ତ ।
ପୋଷା ଶୁକବ୍ରାତ ମାତଙ୍ଗ ବୃଂହିତ
ଅଶ୍ୱ କଲେ ହ୍ରେଷାରବ
ରାଜ ବୈତାଳିକ ନୁଆଇଁ ମସ୍ତକ
ଆରମ୍ଭିଲେ ରୁଚସ୍ତବ ।
ବହୁତନ୍ତ୍ରୀ ତାନ ସୁମଧୁର ଗାନ
ଶ୍ରୁତ ହୋଇ ରାଜସଦ୍ମେ
ଲଭିଲେ ଜାଗୃତ ପୁରାଙ୍ଗନାପନ୍ତୀ
ଭାନୁକର ଯଥା ପଦ୍ମେ ।

ଦ୍ୱାରକା ମଣ୍ଡନ ଦେବ ଜନାର୍ଦ୍ଦନ
ନିଦ୍ରା ତେଜି ସଖା ସଙ୍ଗେ
ସାରି ପ୍ରାତଃକୃତ୍ୟ ଧରି ମିତ୍ର ହସ୍ତ
ବଜସ୍ଥ ମଣ୍ଡପେ ରଙ୍ଗେ ।
ରହି କତିକ୍ଷଣ ନୁଆଇଁ ବଦନ
ନିବେଦିଲେ ବିପ୍ରବର
ହେ ସଖା ସୁଚିତ୍ତେ ଆଜ୍ଞା ହେଉ ମୋତେ
ଯିବା ପାଇଁ ନିଜ ଘର ।
ହସି ମନ୍ଦମନ୍ଦ ଯଦୁକୁଳ ଚନ୍ଦ୍ର
ସଖା କର ଧରି ଧୀରେ
ସସ୍ନେହ ଆଦରେ ହାସ୍ୟ ବଚନରେ
ପଚାରିଲେ ମୃଦୁ ଗିରେ ।
ବହୁ ଦିନୁ ଥରେ ଆସିଛ ମୋ ପୁରେ
ହେଲ ପରି ପଥବଣା
ଯିବା ପାଇଁ ଘର କିମ୍ପାଁ ହରବର
ମୋତେ ତ ନ ଗଲ ଜଣା ।
ଶାନ୍ତି ଶୂନ୍ୟ କର୍ମ ନିରପତ୍ତି ଧର୍ମ
ଭୁଲିଛି ତୁମ୍ଭଙ୍କୁ ପାଇ
ଆଜ ଦିନ ଗୃହ ରହ ନିଜ ପୁରୀ
ଗଲେ କି ହୁଅନ୍ତା ନାହିଁ ।

ହାସ୍ୟ-ରସ ମିଶା ସୁମଧୁର ଭାଷା
ତୋଷ କଲା ଅପ୍ରମତ୍ତ
ଆମ୍ବିଳ ରସରେ ଶର୍କରା ଯୋଗରେ
ରସନାର ଯେଉଁ ଗତି ।
ଅନତ ବଦନେ ଅନସ୍ୟ ବଚନେ
ନିବେଦିଲେ ଦ୍ୱିଜବର
ଅନୁଦାସ ପ୍ରତି ଅନୁକମ୍ପା ପ୍ରୀତି
ରହିଥାଉ ନିରନ୍ତର ।
ଅବାସ୍ତବ ପଥେ ଚଳି ଅବିରତେ
ଯେଣୁ ମୂଢ଼ ଜ୍ଞାନଅନ୍ଧ ।
ତବ ସଙ୍ଗ ସୁଖ ଲଭ କର ଦେଖ
ଛୁଟୁନାହିଁ କର୍ମବନ୍ଧ ।
ଶୃଙ୍ଖଳ ଆବଦ୍ଧ ଶୁକପକ୍ଷୀ ସଧ
କଲେ କେଁ ଗଗନ ପଥ
ପିଞ୍ଜରରେ ବସି ରାମକୃଷ୍ଣ ଘୋଷି
ହୁଏ କି ସେ ସମରଥ ।
ମାୟା ଅଜ୍ଞାନ୍ତ କାମନା ପୂରିତ
ଭବକୂପେ ଅଛୁ ପଡ଼ି
ମୁକ୍ତି କଳ୍ପଦ୍ରୁମ ନ ଧରୁଁ କୁସୁମ
କଳିକା ଯାଉଛି ଝଡ଼ି ।

ସୂର୍ଯ୍ୟାଲୋକ ଯେମନ୍ତ ବଞ୍ଚିଥାନ୍ତି ପ୍ରାଣୀ
କନ୍ତୁ ଗଲେ ତା ନିକଟେ,
ଅନଳେ ପତଙ୍ଗ କ୍ଷଣିରେ ଅନଙ୍ଗ
ସମ ପଡ଼ିବେ ସଙ୍କଟେ ।
ତଥା କଷ୍ଟସାଧ୍ୟ ବ୍ରହ୍ମଙ୍କ ସାନ୍ନିଧ୍ୟ
ଲଭିବାକୁ ନାହିଁ ଶକ୍ତି
ତବ କୃପାଲୋକ ଭିକ୍ଷା ମାଗେ ଏକ
ଥାଉ ଶ୍ରୀଚରଣେ ଭକ୍ତି ।
ସୁନିର୍ମଳ ଭକ୍ତି ସରିତେ ଶ୍ରୀପତି
ହରଷେ ଅବଗାହନ
କରି ତରତରେ ପୁଲକ ଅନ୍ତରେ
ମିତ୍ରେ କଲେ ଆଲିଙ୍ଗନ ।
ବୋଇଲେ ହେ ବନ୍ଧୁ ଅଟେ ଭବସିନ୍ଧୁ
ଅଳୀକ ସୁଖ ସଦନ
ନୈସର୍ଗିକ ନୀତି ଦୀନ ଜନେ ପ୍ରୀତି
ରଖେ ଯେ ସେ ମହାଜନ ।
ମନ ଜାଣି ହରି ମିତ୍ର କର ଧରି
ନବରୁଁ ହେଲେ ବାହାର
ଭକ୍ତ ମନେ ବାନ୍ଧି ଆଣୁଛି କି ଛନ୍ଦି
ପଶୁରାଜେ କୃଷ୍ଣସାର ।

ଯାଉଁ ରାଜପଥେ ଜନେ ନତ ମାଥେ
ପ୍ରଣମନ୍ତି ଭକ୍ତିଭରେ
ଆଶିଷ ପ୍ରଦାନ କରନ୍ତି ବ୍ରାହ୍ମଣ
ପ୍ରେମ ପୁଲକ ଅନ୍ତରେ ।
ପୁରାଙ୍ଗନାଗଣେ ଗବାକ୍ଷ ଅସ୍ତନେ
ବେନ ମିନେ ନିରୀକ୍ଷଣ
କରି ସର୍ବସ୍ଵପ୍ନେ ଜିଜ୍ଞାସନ୍ତି କିଏ
ଅଟନ୍ତି ଏହି ବ୍ରାହ୍ମଣ ।
ବ୍ରହ୍ମା ବୋଲିଥାନ୍ତୁଁ ବେଦ ନାହିଁ କରୁ
ଉଚ୍ଚାରନ୍ତି ପୂତ ମନ୍ତ୍ର
ନାରଦ ବୋଲିବା କେମନ୍ତେ କହିବା
କରେ ନାହିଁ ବୀଣାଯନ୍ତ୍ର ।
ବୋଲନ୍ତୁ ବୃହସ୍ପତି ମନେ ହୁଏ ଭ୍ରାନ୍ତି
ନ ଦେଖୁଛୁଁ ତାଙ୍କ ଖଡ଼ି
ବ୍ରହ୍ମଜ୍ଞାନ-ଚିହ୍ନ ଭଜନ ଲକ୍ଷଣ
ସର୍ବ ଅଙ୍ଗେ ଅଛି ଜଡ଼ି ।
ଉତ୍ତରେ ଶୁଣନ୍ତି ସେ ପରା ଅଟନ୍ତି
ଜ୍ଞାନୀ ଭକ୍ତ ଦାମୋଦର
ଅବନ୍ତୀ ନଗର ବାସ ତାହାଙ୍କର
ଯଦୁପତି ମିତ୍ରବର ।

ଏ ଉତ୍ତର ଶୁଣି ଏକ ନାରୀମଣି
କହେ ଗୋ ଦଶଲ ମୋତେ
ଭକତ ଅଗ୍ରଣୀ ଭକ୍ତ-ଚନ୍ଦ୍ରାମଣି
ପ୍ରେମପୂର୍ଣ୍ଣ ନଦୀସ୍ରୋତେ ।
ଯାଜଚ୍ଛନ୍ତ ଭାସି ବେନି ଜନେ ମିଶି
ଧରାଧରି ହୋଇ କର
ବସନ ଭୂଷଣ ପରିଧାନେ ହୀନ
ହେଲେ ହେଁ ସେ ଭକ୍ତବର ।
ଜାଣିଛ ତ ସହୀ ବନ୍ଧୁ ପରି ଏହ
ଆମ୍ଭ ଦ୍ୱାରକାଧିପତି
ଦୀନ, ହୀନ, ଜନ, ଶରଣ ରକ୍ଷଣ
ଭକ୍ତ ସଙ୍ଗେ ତାଙ୍କ ଗତି ।
ଯା ବଗୃରେ ଯାହା ଆସିଲ ସେ ତାହା
ଭାଷିଲ ବପ୍ରେ ଅନାଇଁ
କରି ଆଲାପନ ଭକ୍ତ ଭଗବାନ
ନଗରପ୍ରାନ୍ତେ ହେଲେ ଯାଇ ।
ବାର ବାର କର ଧରି ବପ୍ରବର
କହୁଥାନ୍ତି ଶ୍ରୀନିବାସେ
ଯିବାକୁ ଆଦେଶ ହେଉ ପୀତବାସ
ସଦସ୍ଥ ଦାସାନୁଦାସେ ।

ଭକତ-ରତନ		ଭକ୍ତ-ପ୍ରେମାଧୀନ
ବାଷ୍ପ ଗଦଗଦ ସ୍ୱରେ
ଯାଅ ଏବେ ମିତ		ବୋଲି ପଦ୍ମନେତ
ଆଲିଙ୍ଗିଲେ ସ୍ନେହଭରେ ।
ମିତ ଅଟ ପୁଣି		ଭକତ ଅଗ୍ରଣୀ
ଯେଣୁ ତୁମ୍ଭେ ବନ୍ଧୁଙ୍କର
କଳଙ୍କ ରହିତ		ଉଚ୍ଚକୁଳେ ଜାତ
ବର୍ଣ୍ଣଶ୍ରେଷ୍ଠ ଦ୍ୱିଜବର ।
ଏତୁ ଭିକ୍ଷା ମମ		ଆହେ ଦ୍ୱିଜୋତ୍ତମ
ରହିଥିବ ତୁମ୍ଭେ ଯହିଁ
ଦୁଃଖେ ଅବା ସୁଖେ		ହେଉ ବା ଅସୁଖେ
ମନେ ପଡୁଥିବ ମୁହିଁ ।
ଯାଉଅଛି ମୁହିଁ		ବୋଲି ବିପ୍ରସାଇଁ
କୃଷ୍ଣ କଲେ ନମସ୍କାର
ପ୍ରତି ନମସ୍କାର		କରି ବିପ୍ରବର
ସେଠାରୁ ହେଲେ ବାହାର ।
ନେତ୍ରପଥୁଁ ଦୂର		ହେଉଁ ମିତବର
ଫେରିଲେ ଦ୍ୱାରକାପତି
ହିଂସ୍ରକଜନ୍ତୁପୂର୍ଣ୍ଣ		କଣ୍ଟକ କାନନ
ପଥେ ଦ୍ୱିଜ କଲେ ଗତି ।

ଏକାକୀ ବସିନେ ଗଢ଼ କରୁଁ ମନେ
ପଡ଼ିଲେ ପ୍ରିୟା ସୁମତୀ
ହରଷେ ବରଷ ଲଭିଲ ମାନସ
ଶିଥିଳ ହୋଇଲା ଗତି ।
ବସ୍ତୁରେ ମାନସ ବଢ଼ିବ ହୁଲାସ—
ଆଶାର ଉଆସ ତୋଳି
କୁଟୀର ବାସିନୀ ହୋଇ ଏକାକିନୀ
ପ୍ରିୟା ଥିବ ଦ୍ୱାର ଖୋଲି ।
ନେତ୍ର ଭରି ନୀରେ ବସି ଭୂମି ପରେ
ପାରି ଛିନ୍ନ ତୃଣାସନ
ବୃନ୍ଥୁଁଥିବ ଦାଣ୍ଡେ ଚାହୁଁଥିବ ଗଣ୍ଡେ
କର କରି ନିବେଶନ ।
ଏସମୟେ ଯାଇ ପଚାରିବ ମୁହିଁ
କି କରୁଛ ସମାଚର
ଆଶା କୋଠାଘର ଭାଙ୍ଗିଯିବ ତାର
ଦେଖି ମୋତେ ଶୂନ୍ୟକର ।
ଦେଲେ କି ସମ୍ପତ୍ତି ବୋଲି ସେ ଯୁବତୀ
ପଚାରିବ ମୋତେ ଯେବେ
ଦେବ ମୁଁ କି ଭାଷା ବିଷମ ଦୁର୍ଦ୍ଦଶା
ଉପସ୍ଥିତ ହେଲା ଏବେ ।

କିଛି ତ ନ ଦେଲେ ଏହା କେବେହେଲେ
କହିବ ନାହିଁ ମୋ ମୁଖ
ଯା ନାମ ଶ୍ରବଣେ ସ୍ମରଣେ କୀର୍ତ୍ତନେ
ପ୍ରାଣୀ ଲଭିଥାଏ ସୁଖ ।
ମହାମିତ ମୋର ଦ୍ୱାରକା ଠାକୁର
ଭକ୍ତବନ୍ଧୁ ଭାବଗ୍ରାହୀ
ଅନ୍ତର୍ଯ୍ୟାମୀ ତାଙ୍କ ସ୍ମୁରେ ଯାଚକ
ପଣ ଶୋଭା ପାଏ ନାହିଁ ।
ଭାବ ଯା ନ ଥିଲି ଲଭି ପ୍ରୀତି ହେଲି
ଦେବତାପମ ସମାଦର
କୋଟି ଜନ୍ମକୃତ ଖଣ୍ଡିଲି ଦୁଷ୍କୃତ
ଧନ୍ୟ ହେଲା କଳେବର ।
ନବ ପକ୍ଷଧାରୀ ପିମ୍ପୁଡ଼ି ଯେପରି
ଆକାଶରେ ଉଡ଼େ ଥରେ
ପକ୍ଷ ହେଲେ ଛିନ୍ନ ଲଭି ପୂର୍ବ କର୍ମ
ପୁଣି ପଡ଼ଇ ଗର୍ତ୍ତରେ ।
ସେହିପରି ମୁହିଁ ବନ୍ଧୁପଣେ ଯାଇ
ରହିଲି ଦିବ୍ୟ ବାଟୀରେ
ଦୂର୍ଲ୍ଲଭ ଯା ଦେବେ ଲଭି କରି ଏବେ
ପଶିବି ନିଜ କୁଟୀରେ ।

ପ୍ରିୟା ଯୋଗୁଁ ପିନା ହୋଇ ଉଚ୍ଛମନା
ଲଭିଲି ବ୍ୟୋମେ ଭାସ୍କର
କିନ୍ତୁ ତା ମାନସ ସାରସ ଚରଣ
କଲା ନାହିଁ ଅନୁକର ।
ଚଢ଼ନ ପଥରେ ବଣ୍ଟର ରଥରେ
ଆରୋହି ଭକ୍ତକେଶରୀ
ଅବନ୍ତୀ ନଗରେ ହରଷ ଅନ୍ତରେ
ହେଲେ କୃଷ୍ଣ ନାମ ସ୍ମରି ।
ମିଳି ନିଜ ଧାମେ ଖୋଜନ୍ତି ସମ୍ଭ୍ରମେ
କୁଟୀର ସଙ୍ଗେ ସୁମତି
ନ ପାଇ ସନ୍ଧାନ ବିଚଳିତ ମନ
ଇତସ୍ତତଃ କଲେ ଗତି ।
ଦିବ୍ୟ ପୁର ଦ୍ୱାର ଦେହଲୀରେ କର
ନିଦେଖି ଏକ ଅଙ୍ଗନା
ହୋଇଥିଲେ ଛିଡ଼ା ପାଇ କିବା ବ୍ରୀଡ଼ା
ଦେବ ଯୋଗେ ଦେବାଙ୍ଗନା ।
ଭ୍ରାନ୍ତ ଦ୍ୱିଜପତି ହେଲେ କରୁଁ ଗତି
ଲଳନା ଦୃଷ୍ଟିଗୋଚର
ଡାକ ଦେଲେ କାନ୍ତେ ଆସ ହେ ପ୍ରଶାନ୍ତେ
ପ୍ରଣୟିନୀ ମୁଁ ତୁମ୍ଭର ।

ପୂର୍ବ ପରିଚିତ   କଣ୍ଠସ୍ୱର ଶ୍ରୁତ
ବୋଧ କଲ ବିପ୍ର ଚିତ୍ତ
ସନ୍ନିକଟେ ମିଳି   ମନେ ହେଲେ ଭଳି
ରୂପ ଦଶେ ବିପରୀତ ।
କୃଷ୍ଣ କୃଷ୍ଣ ସ୍ମରି   ନୟନ ନୀବାରି
ନିକଟ୍ଟୁ ହୁଅନ୍ତେ ଦୂର
ଆସି ତରତରେ   ସୁମତୀ ସୁସ୍ୱରେ
ବୋଇଲେ ଏ ତୁମ୍ଭ ପୁର ।
ମୁଁ ତୁମ୍ଭ ଯୁବତୀ   ମୋ ନାମ ସୁମତୀ
ଚରଣ ସେବାକୁ କ୍ଷମ
କୁଟୀ ଗୋଟି ତୁଟି   ଯାଇଅଛି ଫୁଟି
ଏ ନବର ପୁଷ୍ପ ସମ ।
ଦ୍ୱାରକାଧିପତି   ପ୍ରଭୁ ଯଦୁପତି
ମିତାଣୀଙ୍କୁ ସଙ୍ଗେ ଦେନି
ମିଳନ ଆଶାରେ   ଅଛନ୍ତି ବାସରେ
ବନ୍ଦିବା ଚରଣ ବେନି ।
ଆସ ଆସ ନାଥ   ବୋଲି ଦେନି ହସ୍ତ
ପୁରେ ନେଲେ ବିପ୍ରବରେ
କାଉଁରୀ ପାଟଣା   ନାରୀ ଯୋଗେ ବଣା
ହୋଇ କି ପୁରୁଷ ଚଳେ ।

ନିଦଶ ଆଳସ୍ୟ ବନଦ୍ଧତାଳସ୍ୟ
ଦରଶନେ ଦ୍ୱିଜପତି
କଲେ ଅନୁଭବ ବାସ ବଇଭବ
ନିମିତ୍ତ ଏକା ଶ୍ରୀପତି ।
ବାଷ୍ପ ଗଦଗଦେ ବୋଇଲେ ପ୍ରମୋଦେ
କାହିଁ ରମା ରମାପତି
ବନ୍ଧୁପଣେ ତବ ଦେଇ ଏ ବିଭବ
କେଉଁଠାରେ ରହିଛନ୍ତି ।
ଆସ ନାଥ ବୋଲି ସୁମତୀ ଦେଖିଲୀ
ଅଧୀରେ କରି ଲଂଘନ
ଛିଦ୍ର କରି ଗତି ନବରେ ଖୋଜନ୍ତି
ନାହିଁ ଲକ୍ଷ୍ମୀନାରାୟଣ ।
ମୃଗମଦ ଗନ୍ଧ ହୋଇ ମନ୍ଦମନ୍ଦ
ପୁରେ ପୁରେ କରେ ଗତି
ନଇରାଶ୍ୟମୟ ଅଥୟ ହୃଦୟ
ବ୍ୟଥିତ ହେଲେ ସୁମତୀ ।
ବାରିପୂର୍ଣ୍ଣ ନେନେ କମ୍ପମାନ ଗାତେ
କାନ୍ତେ କରି ନିବେଦନ
ବୋଇଲେ ହେ କାନ୍ତ ଏ କି ଅଦଭୁତ
ପୁରେ ନାହିଁ ନାରାୟଣ ।

ତବ କୃପା ଲଭି   ମିତ୍ରପଦ ସେବି
ହୋଇଥିଲି ମୁଁ ସୁହାଗୀ
ନିମିଷେ ଅନ୍ତର   ହୋଇ ଚକ୍ରଧର
ସେ ପଦୁଁ କଲେ ଅଭାଗୀ ।
ଚିନ୍ତି ଗତାଗତ   ଥୟ କରି ଚିତ୍ତ
ହରଷରେ ବିପ୍ରବର
ବୋଇଲେ ଗୋ ସଖୀ   ନୁହ ତୁ ବିମୁଖୀ
ବିଗୃର କର ହୃଦର ।
ଗୃହ୍ନଥିଲୁଁ ଯାହା   ଦେଲେ ପ୍ରଭୁ ତାହା
ବିଭବ ବିଳାସ ଯୋଗ
ଚିତ୍ତ କରି ଶାନ୍ତ   ନୋହି ପଥଭ୍ରାନ୍ତ
କର ସେ ସମ୍ପଦ ଭୋଗ ।
ମିତ୍ରଦତ୍ତ ଧନେ   ତୋଷ ଲଭି ମନେ
ହୁଅ ସୁଖ ଅଧିକାରୀ
ଛାଡ଼ ଭିକ୍ଷା ଝୁଲି   ଆଜଠାରୁ ହେଲି
"ମୁକ୍ତପଥର ଭିକାରି" ।

—* ସ * ମା * ପ୍ତ *—

ଲେଖକଙ୍କ ରଚିତ ଓ ପ୍ରକାଶିତ
ଅନ୍ୟାନ୍ୟ ରଚନାବଳୀ

୧ ।	ନଳିନୀ ବିଜୟ	ଟ ୦ - ୩୭
୨ ।	ଦମୟନ୍ତୀ	ଟ ୧ - ୦୦
୩ ।	ସାବିତ୍ରୀ ବ୍ରତ	ଟ ୦ - ୨୫
୪ ।	କବି ସ୍ମରଣିକା	ଟ ୦ - ୧୦
୫ ।	ଶ୍ରୀଜଗନ୍ନାଥ ଦର୍ଶନ	ଟ ୦ - ୧୫
୬ ।	ଶ୍ମଶାନ କଙ୍କାଳ	ଟ ୦ - ୨୦